୬ ଧୋନୀ ଓ ସଚିନଙ୍କୁ ପ୍ରତିମାସରେ ମିଳୁଛି ୭୦ ହଜାର ଟଙ୍କା ପେନସନ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୭୧ ● ୧୯ ଜୁଲାଇ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-171 ●19th July 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଶିକ୍ଷାନୁଷ୍ଠାନରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୭

ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଛାତ୍ରୀ ଓ ମହିଳାଙ୍କୁ ନିର୍ଯାତନା ଏବଂ ଯୌନ ଉତ୍ପୀଡନରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ସମସ୍ତ



ରେଜିଷ୍ଟ୍ରାର ଓ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଏଥିସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ, ୨୦୧୩ (ପୋଷ ଆକ୍ଟ, ୨୦୧୩) ଏବଂ ଏହି ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଏହି ସମ୍ପର୍କରେ ସଚେତନତା କର୍ମଶାଳା ଆୟୋଜନ କରିବାକୁ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ ଏବଂ ପୋଷ ଆକ୍ଟ, ୨୦୧୩ ର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ। କର୍ମଶାଳା ଆୟୋଜନର ସବିସ୍ତୃତ ବିବରଣୀ ଆସନ୍ତା ୩ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଚିଠିରେ ଉଲ୍ଲେଖ କରାଯାଇଛି।

## କଟକକୁ ଏକ ସମୃଦ୍ଧ ମଡେଲ ଅଞ୍ଚଳ ଭାବେ ବିକଶିତ କରାଯିବ

ଭୁବନେଶ୍ୱର, ୧୮।୭

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର କଟକ ସାଂସଦ ଭର୍ତ୍ତୃହରି ମହତାବ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି।

ଏତଦ୍‌ବ୍ୟତୀତ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମସି ଏବଂ ସିଡିଏ ଅଞ୍ଚଳ ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନ୍, ମହାନଦୀରେ ବ୍ୟାରେଜ ଯୋଜନା, ବଡମ୍ବା ସୁଗାର ମିଲ ଓ ଭଗତପୁର କଟନ ମିଲର ପୁନଃ କାର୍ଯ୍ୟକାରିତା ଓ ଉପଖଣ୍ଡ ସ୍ତରୀୟ କୋଲ୍ଡ ଷ୍ଟୋରେଜ ନିର୍ମାଣ ଆଦି ପ୍ରସଙ୍ଗରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା



କରିଥିଲେ।

ବୈଠକରୁ ଜଣାପଡିଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଆଲୋଚନା ବେଳେ ମିଳିତ *(ପୃଷ୍ଠା ୭ରେ)*

## ୨୦ରେ ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୧୮।୭

କେନ୍ଦ୍ର ସରକାର ୨୧ ଜୁଲାଇରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଅର୍ଥାତ ୨୦ ଜୁଲାଇ, ରବିବାର ଦିନ ସର୍ବଦଳୀୟ ବୈଠକ ଡକାଇଛନ୍ତି। ଅଧିବେଶନକୁ ସୁଚାରୁ ଭାବରେ ଚଳାଇବା ପାଇଁ ଏହି ବୈଠକ ଡକାଯାଇଛି।

ଔପଚାରିକ ସୂଚନା ଅନୁଯାୟୀ, ସଂସଦ ଭବନ ଆନେକ୍ସିର ପ୍ରମୁଖ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟାରୁ *(ପୃଷ୍ଠା ୭ରେ)*

## ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣା : ଏଫ୍‌ଏମ୍ କଲେଜରେ ୩ ତଦନ୍ତକାରୀ ଟିମ୍

ବାଲେଶ୍ୱର, ୧୮।୭

ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ରାଜ୍ୟ କ୍ରାଇମବ୍ରାଞ୍ଚ, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ଟିମ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଗଠିତ ଟିମ ଶୁକ୍ରବାର କଲେଜରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏସ. ସାଇନିଙ୍କ ନେତୃତ୍ୱାଧୀନ କ୍ରାଇମବ୍ରାଞ୍ଚ ଟିମ ଗୁରୁବାର କଲେଜର କେତେ ଜଣ କର୍ମଚାରୀଙ୍କୁ ପଚରାଉଚୁରା କରିଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ମୃତକଙ୍କ ଗାଁକୁ ଯାଇ ପରିବାର ସଦସ୍ୟ ଓ ପାଖ ପଡୋଶୀଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ଶୁକ୍ରବାର ଏଫଏମ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନଙ୍କୁ ମଧ୍ୟ ଜେରା କରାଯାଇଛି।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ଟିମ ମଧ୍ୟ ଶୁକ୍ରବାର ମୃତକ ସୌମ୍ୟାଶ୍ରୀ ବିଶିଙ୍କ ଅଭିଯୋଗର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର *(ପୃଷ୍ଠା ୭ରେ)*

## ସୁରକ୍ଷା କର୍ମୀଙ୍କ ଗୁଳିମାଡରେ ୬ ମାଓବାଦୀ ନିପାତ

ମାଲକାନଗିରି, ୧୮।୭

ନ୍ୟୁଜ୍ ବ୍ୟୁରୋ

ସୁରକ୍ଷାବାହିନୀର ଯବାନଙ୍କୁ ପୁଣି ଥରେ ବଡ଼ ସଫଳତା ମିଳିଛି। ଯବାନଙ୍କ ଗୁଳିମାଡ଼ରେ ୬ ଜଣ ମାଓବାଦୀ ନିପାତ ହୋଇଛନ୍ତି। ଅନ୍ୟ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ଶୁକ୍ରବାର ଦିନ ଦ୍ୱିପହରରେ ଏହି ବଡ଼ଧରଣର ଗୁଳିବିନିମୟ ଘଟିଛି। ଗତ ଦୁଇ ଦିନ ହେଲା ଯବାନ ଆବୁଝମାଡ଼ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଆବୁଝମାଡ ଜଙ୍ଗଲରେ ନକ୍ସଲ କ୍ୟାମ୍ପ କରି ରହିଥିବା ପୁଲିସ ସୂଚନା ପାଇଥିଲା।

ଶୁକ୍ରବାର ଦ୍ୱିପହରରେ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଅପରପକ୍ଷେ ଯବାନମାନେ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିଲା। ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ *(ପୃଷ୍ଠା ୭ରେ)*


DSPL-179



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

**ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା. ୦୧-୧୧-୨୦୨୫ ରିଖ ରୁ ତା. ୩୧-୦୩-୨୦୨୬ ରିଖ ମଧ୍ୟରେ ପରିଚାଳିତ ହେବ।**
ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ।

### ପଞ୍ଜିକରଣ ପ୍ରକ୍ରିୟା

ଚାଷୀ ପଞ୍ଜିକରଣ ତା. **୧୯-୦୭-୨୦୨୫** ରିଖ ରୁ ଆରମ୍ଭ ହେଉଛି। ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା. **୧୯-୦୭-୨୦୨୫** ରିଖ ରୁ ତା. **୨୦-୦୮-୨୦୨୫** ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ଏହା ବିଭାଗର ୱେବସାଇଟ **www.foododisha.in** ରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

### ଆବଶ୍ୟକୀୟ କାଗଜପତ୍ର

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର / ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ।

୧. ଆଧାର କାର୍ଡ଼
୨. ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ/ ଖତିୟାନ/ ସ୍ୱତ୍ୱଲିପି (ଆର.ଓ.ଆର)
୪. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୫. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)

### ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ E-KYC ଜରୁରୀ ଅଟେ

### ପଞ୍ଜିକରଣ ଅବଧି

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧୯-୦୭-୨୦୨୫** ରିଖ ରୁ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ।
- ଏହିଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ।

### ଭାଗ ଚାଷୀ

ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

### ସମିତିର ଦାୟିତ୍ୱ

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା. **୧୯-୦୭-୨୦୨୫** ରିଖ ରୁ ତା. **୨୫-୦୮-୨୦୨୫** ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ କରିବେ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ।
- ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

### ହେଲ୍ପ ଡେସ୍କ

ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

### ହେଲ୍ପ ଲାଇନ

ଯଦି କୌଣସି ଅଭିଯୋଗ ଥାଏ ତେବେ **ଟୋଲ୍‌ଫ୍ରି ନମ୍ବର ୧୯୬୭**ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସମବାୟ ବିଭାଗ, ଓଡ଼ିଶା ସରକାର

FoodOdisha @Food_Odisha www.foododisha.in

OIPR-07002/13/0044/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁଲାଇ ୨୦୨୫ ଶନିବାର





# 'ପ୍ରଶାସନିକ ବ୍ୟବସ୍ଥାଗତ ବିଫଳତାରୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଲା'



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଏଫ.ଏମ. କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ପ୍ରତ୍ୟେକ ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟରେ ମହିଳା ସୁରକ୍ଷା ଦାବିରେ କଂଗ୍ରେସ ସହିତ ବିଭିନ୍ନ ବାମ ଦଳର ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ସଫଳ ହେବାର ଦେଖିବାକୁ ମିଳିଛି। ଦୀର୍ଘ ମାସ ଧରି ମାନସିକ ଚାପରେ ରହୁଥିବା ଏଫ.ଏମ. କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶି ପ୍ରଶାସନ ଏବଂ ସରକାରଙ୍କ ପାଖରେ ନ୍ୟାୟ ଭିକ୍ଷା କରିମଧ୍ୟ ଶେଷରେ ନିରାଶ ହୋଇ ଆତ୍ମହତ୍ୟା କରିଥିଲେ। ଏହାକୁ ପ୍ରଶାସନ ଏବଂ ସରକାରଙ୍କ ବ୍ୟବସ୍ଥାଗତ ଫେଲ୍ କାରଣ ଦର୍ଶାଇ ରାଜ୍ୟରେ ବଢିଚାଲିଥିବା ମହିଳା ନିର୍ଯାତନା ବିରୁଦ୍ଧରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ୍ କ୍ରମେ କଂଗ୍ରେସ ଏବଂ ବାମ ଦଳ ଗୁଡିକ ତରଫରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ମୟୂରଭଞ୍ଜ ଜିଲ୍ଲାରେ ଏହି ବନ୍ଦ ଡାକରା ସଫଳ ହେବାର ଦେଖିବାକୁ ମିଳିଛି। ବାରିପଦା ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିବା ସହିତ, ଗାଡି ମଟର, ସ୍କୁଲ କଲେଜ, ଅଫିସ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ଗାଡି ମଟର ଚାଲୁ ନଥିବାରୁ ରାସ୍ତାଘାଟ ଖାଁ ଖାଁ ଦେଖିବାକୁ ମିଳିଥିଲା। ମୟୁରଭଞ୍ଜ ଜିଲ୍ଲାରେ କଂଗ୍ରେସ ସହିତ ସିପିଆଇ, ସିପିଏମ୍, ଏସ୍ୟୁସିଆଇ ତଥା ବିଭିନ୍ନ ସହଯୋଗୀ ଦଳମାନେ ମିଳିତ ଭାବରେ ବନ୍ଦରେ ସାମିଲ ହୋଇଥିବା ବେଳେ, ମୟୁରଭଞ୍ଜ ଜିଲ୍ଲାର ଅଣରାଜନୈତିକ ଯୁବ ଛାତ୍ର ସଂଗଠନ ଭଞ୍ଜ ସେନା ମଧ୍ୟ ମୟୁରଭଞ୍ଜ ବନ୍ଦ ଡାକରା ଦେଇଥିବାରୁ ସମ୍ପୂର୍ଣ୍ଣ ଜିଲ୍ଲା ବନ୍ଦ ପ୍ରଭାବରେ ଠପ୍ ହୋଇପଡ଼ିଥିଲା। କେବଳ ଆମ୍ବୁଲାନ୍ସ, କ୍ଷୀର, ଔଷଧ ବିକ୍ରୟ ଆଦିକୁ ବନ୍ଦରୁ ବାଦ ଦିଆଯାଇଥିଲା। ବନ୍ଦରେ ସାମିଲ୍ ଥିବା ବିଭିନ୍ନ ଦଳର ନେତା ଓ କର୍ମୀମାନେ ସହରର ବିଭିନ୍ନ ଅଞ୍ଚଳ ବୁଲି ପିକେଟିଂ କରି ଲୋକଙ୍କୁ ବନ୍ଦରେ ସାମିଲ୍ ହେବାକୁ ନିବେଦନ କରିବା ସହ ପାଲବଣି ବାଇପାସ୍, ମୁର୍ଗାବାଡି ଗୋଲେଇ, ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ ଇତ୍ୟାଦି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ବନ୍ଦକୁ ସ୍ୱତଃପର୍ବୃତ୍ତ ଭାବରେ ଜନସାଧାରଣ ସମର୍ଥନ କରୁଥିବାର ଦେଖିବାକୁ ମିଳିଥିଲା। ବନ୍ଦର ପ୍ରଭାବରେ ଯାତ୍ରୀବାହି ବସ୍ ଗୁଡିକ ଚଳ ପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଅନେକ ସାଧାରଣ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବାର ଦେଖାଯାଇଥିଲା। ଅପେକ୍ଷାରତ ଯାତ୍ରୀମାନେ ହୋଟେଲ ଇତ୍ୟାଦି ବନ୍ଦ ଥିବାରୁ ଖାଇବାକୁ ପାଇନଥିଲେ। ତେବେ ବନ୍ଦ ପାଳନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ସହରର ବିଭିନ୍ନ ଛକ ଏବଂ ସମ୍ବେଦନଶିଳ ସ୍ଥାନରେ ପୋଲିସ ବଳ ମୁତୟନ କରାଯିବା ସହ ପାଟ୍ରୋଲିଙ୍ଗକୁ କଡାକଡି କରାଯାଇଥିଲା।



# ଘରର ମାଟିତଳୁ ୬ଟି ବିରଳ ମୂର୍ତ୍ତି ଉଦ୍ଧାର

**ସାଲେପୁର, ନ୍ୟୁଜ୍**

ସାଲେପୁର ବ୍ଲକ ଅନ୍ତର୍ଗତ କୁସମ୍ବି ଗ୍ରାମର, ଫକୀର ରାଉତଙ୍କ ଗୁହାଳ ଘରର ମାଟିତଳୁ ୬ ଗୋଟି ବିରଳ ମୂର୍ତ୍ତି ଉଦ୍ଧାର ହୋଇଛି। ଉକ୍ତ ମୂର୍ତ୍ତିକୁ ଦେଖିବାପାଇଁ ଲୋକମାନଙ୍କର ଭିଡ଼ ଲାଗିରହିଛି। ଲୋକମାନେ ହରିବୋଲ ହୁଳୁହୁଳି ପକାଇ ପୂଜାର୍ଚ୍ଚନା କରୁଛନ୍ତି। ପଣ୍ଡିତଙ୍କ ପରାମର୍ଶ ଅନୁଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇ ଘର ଭିତରେ ମୂର୍ତ୍ତିଗୁଡ଼ିକୁ ସ୍ଥାପନ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ, ସାଲେପୁର ବ୍ଲକ ଅନ୍ତର୍ଗତ ରାଇସୁଙ୍ଗୁଡ଼ା ନିକଟସ୍ଥ କୁସମ୍ବୀ ଗ୍ରାମରେ ଏହି ୬ ଗୋଟି ବିରଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ଏହି ମୂର୍ତ୍ତିମାନଙ୍କ ମଧ୍ୟରେ ହନୁମାନ, କାଳୀ, ଦୁର୍ଗା ରାଧାକୃଷ୍ଣ ଓ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ରହିଛନ୍ତି।

# ରାୟଗଡାରେ ଓଡ଼ିଶା ବନ୍ଦ:ସରକାରଙ୍କୁ ଘେରିଲେ ବିରୋଧୀ



**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ। ଗୁରୁବାର ଦିନ ବିରୋଧ ଦଳ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳ ଗୁଡିକ ଓଡ଼ିଶା ବନ୍ଦ ଡାକରା ଦେଇଥିଲେ। ବନ୍ଦ ଡାକରାରେ କଂଗ୍ରେସ ଦଳର ତତ୍ପରତା ବେଶ୍ ଦେଖିବାକୁ ମିଳିଥିଲା। ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ରାୟଗଡା ଜିଲ୍ଲା ଉପରେ ବେଶ୍ ପଡିଥିଲା। କଂଗ୍ରେସ ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ବନ୍ଦ ଡାକରାରେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ଶତାଧିକ କଂଗ୍ରେସ କର୍ମୀ ସାମିଲ୍ ହୋଇଥିଲେ। ସକାଳ ୬ ଘଣ୍ଟା ସମୟରେ ରାୟଗଡାର ଲାଇଫ୍ ଲାଇନ୍ କୁହାଯାଉଥିବା ଫ୍ଲାଇ ଓଭରବ୍ରିଜ୍‌କୁ ଅବରୋଧ କରାଯାଇଥିଲା। ବନ୍ଦ ଫଳରେ ବଜାର, ପରିବହନ, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ସହ ସରକାରୀ ଅଫିସ ମଧ୍ୟ ବନ୍ଦ ରହିଥିଲା। କେବଳ ଅତ୍ୟାବଶ୍ୟକ ସେବା, ମେଡିକାଲ୍ ଷ୍ଟୋର୍ ଓ ଆମ୍ବୁଲାନ୍ସ ସେବା ଜାରୀ ରହିଥିଲା। ବିଧାୟକ ଶ୍ରୀକାଡ୍ରାକା, ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିବା ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଏବଂ ସଦର ବିଧାୟକଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ଘଟଣାରେ ସଂପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବନ୍ଦ ସମୟରେ କଂଗ୍ରେସ ଉପ-ସଭାପତି ସୁନିଲ ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଅଜିତ ଦାଶ, କେ. ଚିନାରୀ, ବାଦଲ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ଗୁଣୁପୁର ବାଇପାସ୍ ଛକରେ କଂଗ୍ରେସ ବିଧାୟକ ଓ କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ସରକାର ବିରୋଧରେ ନାରା ଦିଆଯାଇଥିଲା। ମୁଖ୍ୟ ରାସ୍ତା ଅବୋରଧ କରିବା ସହ ଗାଡି ଚଳାଚଳ, ଦୋକାନ ବଜାର ବନ୍ଦ ରହିଥିଲା। ଛାତ୍ରୀ ଆତ୍ମହୁତି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ଆଇନ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା, ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପାଇଁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ। ଜିଲ୍ଲାର ସମସ୍ତ ବ୍ଲକରେ ବନ୍ଦର ପ୍ରଭାବ ରହିଥିଲା। ସେହିଭଳି ଏହି ବନ୍ଦ ପାଳନକୁ ସମର୍ଥନ ଜଣାଇଛି ବାମପନ୍ଥି ଦଳ ସିପିଆଇଏମ୍‌ଏଲ ଲିବରେସନ ପାର୍ଟୀ।

# ଟ୍ରଲିକୁ ଧକ୍କା ଦେଲା ପାସେଞ୍ଜର ଟ୍ରେନ୍:ଜଣେ ମୃତ, ୨ ଆହତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ରେଳବାଇ ଷ୍ଟେସନ୍ ୪ ନମ୍ବର ପ୍ଲାଟ୍‌ଫର୍ମରେ ପାସେଞ୍ଜର ଟ୍ରେନ୍ ଏକ ଲାଇଟ୍ ମଟର ଟ୍ରଲିକୁ ଧକ୍କା ଦେବା ଫଳରେ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ସୂଚନାରୁ ପ୍ରକାଶ ଯେ ବିଶାଖାପାଟଣା ଠାରୁ ରାୟପୁର ଅଭିମୁଖେ ଯାଉଥିବା ପାସେଞ୍ଜର ଟ୍ରେନ୍ ୪ ନମ୍ବର ଆସିବାରୁ ଶ୍ରମିକମାନେ ଟ୍ରାକ୍‌ରୁ ମେଣ୍ଟେନାନ୍ସ ଟ୍ରଲି ଗାଡ଼ିକୁ ଟ୍ରାକ୍ ଉପରୁ ବାହାରକୁ କାଢ଼ିଥିଲେ କିନ୍ତୁ ଠିକ୍ ରୂପେ ବାହାର କରିନଥିବାରୁ ପାସେଞ୍ଜର ଟ୍ରେନ୍ ଟ୍ରଲିକୁ ଧକ୍କା ଦେଇଥିଲା। ଟ୍ରଲି ଧକ୍କାରେ ଇଂଜିନିୟରିଂ ବିଭାଗର ଜଣେ କର୍ମଚାରୀ ଏବଂ ଦୁଇ ଜଣ ଠିକା କର୍ମଚାରୀ ସେଠାରେ ମେଣ୍ଟେନାନ୍ସ କାମ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଶ୍ରମିକମାନଙ୍କ ମଧ୍ୟରୁ ଜଣେ ଟ୍ରେନ୍ ଚକାରେ ପଡି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ଆହାତ ହୋଇଛନ୍ତି। ମୃତ କର୍ମଚାରୀ ଦେବର୍ଷି କିସାନ (୨୦) ଘର ସୁନ୍ଦରଗଡ ଜିଲ୍ଲା ବୋଲି ଜଣାପଡିଛି। ଆହତମାନେ ହେଲେ ସୁଶାନ୍ତ ଦାସ ଓ ବାବୁଲା ସାହା। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ଚିକିତ୍ସା ଚାଲିଛି। ତେବେ କେଉଁଠି ତୃଟି ଯୋଗୁ ଏହି ଦୁର୍ଘଟଣା ଘଟିଲା ତାହାର ତଦନ୍ତ ଆରମ୍ଭ ହୋଇଛି। ଡିଆର୍‌ଏମ୍ ଅମିତାଭ ସିଂଘଲ ସମେତ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# କେନ୍ଦୁଝର ଜିଲ୍ଲାରେ ଓଡ଼ିଶା ବନ୍ଦ:ଜୀବନଯାତ୍ରା ପ୍ରଭାବିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଓ ତାଙ୍କର ମୃତ୍ୟୁ ପରେ ନ୍ୟାୟ ଏବଂ ରାଜ୍ୟରେ ନାରୀ ସୁରକ୍ଷା ଦିଗରେ ବିଜେପି ସରକାର ବିଫଳ ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ସାରା ଓଡ଼ିଶା ବନ୍ଦ କରାଯାଇଥିଲା। ମୃତ ଛାତ୍ରୀ ସୌମାଶ୍ରୀ ବିଶିଙ୍କୁ ନ୍ୟାୟ ଏବଂ ଦିନକୁ ଦିନ ଘଟୁଥିବା ନାରୀ ମାନଙ୍କ ପ୍ରତି ଅତ୍ୟାଚାର ଓ ତାଙ୍କୁ ସୁରକ୍ଷା ଦେବାରେ ମୋହନ ସରକାର ବିଫଳତାକୁ ନେଇ ପିସିସି



ଆହ୍ୱାନକ୍ରମେ ଓଡ଼ିଶା ବନ୍ଦ ହେବା ସହିତ ସାରା କେନ୍ଦୁଝର ଜିଲ୍ଲାରେ ସମସ୍ତ କାର୍ଯ୍ୟାଳୟ, ସ୍କୁଲ୍ ଓ କଲେଜ, ଯାନବାହାନ, ପେଟ୍ରୋଲ ପମ୍ପ, ଦୋକାନ ବଜାର ବନ୍ଦ କରାଯାଇଥିଲା। କେବଳ ଆମ୍ବୁଲାନ୍ସ ଓ ଅତ୍ୟାବଶ୍ୟକ ଗାଡି ଗୁଡିକୁ ଛାଡି ଦିଆଯାଇଥିଲା। ଜିଲ୍ଲା ସଦର ମହାକୁମା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗାନ୍ଧୀ ଛକ, ଲାବଣ୍ୟ ଛକ, ଜିଲ୍ଲା କୋର୍ଟ, ସିରାଜୁଦ୍ଦିନ ଛକ ଓ ପୁରୁଣା ବଜାର ଠାରେ କଂଗ୍ରେସ କର୍ମୀମାନେ ବନ୍ଦ କରିଥିଲେ। ଏହି ବନ୍ଦ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସୋନାଲି ମାର୍ଣ୍ଡି, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ଦାସ, ଉତ୍ତମ କୁମାର ସାହୁ, ରତ୍ନାକର ଜେନା, ଲଳିତ ମୋହନ ନାୟକ, ମନୋରଞ୍ଜନ ରାଉତ, ଦିନେଶ ରାଉତ, ସୁଢଳ କୁମାର ସେଠି, ସୁରଜିତ ଦାସ, ଦିଲ୍ଲୀପ କୁମାର ସାହୁ, ରଘୁନାଥ ପାତ୍ର, କ୍ଷୀରୋଦ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଯୁବ କଂଗ୍ରେସ ନେତା ସୌମ୍ୟରଞ୍ଜନ ରାଉତ, ଏତିହ୍ୟ ଦିବ୍ୟ ସିଂହ, ମାନସ ବେହେରା, ସୌମ୍ୟରଂଜନ ପଲେଇ, ସଂଗ୍ରାମ ବେହେରା, ଅଭିଜିତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ୧୧ଟି ଜୀବନ୍ତ କଇଁଛ ଜବତ:ଜଣେ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବନ ବିଭାଗ ପକ୍ଷରୁ କାଲିମେଲା ଅଞ୍ଚଳରୁ ୧୧ଟି ଜୀବନ୍ତ କଇଁଛ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛନ୍ତି। ବେଆଇନ୍ ବନ୍ୟଜନ୍ତୁ ଚୋରା ଚାଲାଣ ସମ୍ବନ୍ଧରେ ବିଶେଷ ସୂଚନା ପାଇବା ପରେ କାଲିମେଲା ବନ ବିଭାଗ ଓ ରାଜସ୍ୱ ବିଭାଗର ଏକ ମିଳିତ ଟିମ୍ କାଲିମେଲା ରେଞ୍ଜ ଅଧିନ ଗୁମୁକା ପଞ୍ଚାୟତ ଏମ୍‌ପିଭି ୧୨ ଗ୍ରାମର ମାଛ ବେପାରୀ ମିଥୁନ ବୈରାଗୀଙ୍କ ଘରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ତାଙ୍କ ଘର ପଛପଟେ ଥିବା ଏକ ପରିତ୍ୟକ୍ତ ପାଇଖାନା ଗୃହ ମଧ୍ୟରେ ଅଖା ବସ୍ତାରେ ପୋଟେରୁ ଅଞ୍ଚଳରେ ନେଇ ବିକ୍ରୀ କରିବାକୁ ରଖିଥିବା ୧୧ଟି କଇଁଛ ରହିଥିବା ଦେଖିବାକୁ ପାଇଥିଲେ। ସେହି ବ୍ୟକ୍ତିଙ୍କ ଠାରୁ ଜୀବନ୍ତ କଇଁଛ ଉଦ୍ଧାର କରିଥିଲେ। ଏଥିସହ ତାଙ୍କ ନିକଟରୁ ଗୋଟିଏ ଓଜନ ମେସିନ୍ ଓ ମୋବାଇଲ ଜବତ କରାଯାଇଛି। ପଚରା ଉଚରା ପରେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏମ୍‌ଭି ୭୯ କୋର୍ଟରେ ହାଜର କରାଯାଇଥିବା କାଲିମେଲା ବନାଞ୍ଚଳ ଅଧିକାରୀ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି। ବନ ବିଭାଗ ବନ୍ୟଜନ୍ତୁ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହିପରି କୌଣସି ବେଆଇନ୍ କାର୍ଯ୍ୟକଳାପ ବିଷୟରେ ବନ ବିଭାଗକୁ ଜଣାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ଯନ୍ତ୍ରୀଙ୍କ ଘରୁ ୩୦ଭରି ସୁନା ଅଳଙ୍କାର ଲୁଟ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ମାର୍ଶାଘାଇ ବ୍ଲକ ରାମୀଆଗଞ୍ଜ ଗ୍ରାମର ବିଦ୍ୟୁତ୍ ବିଭାଗର ବରିଷ୍ଠ ଯନ୍ତ୍ରୀ କମଳ ଲୋଚନ ଲେଙ୍କାଙ୍କ ଘରୁ ବିଳମ୍ବିତ ରାତ୍ରୀରେ ଦୁର୍ବୃତ୍ତମାନେ ୩୦ଭରିର ସୁନା ଅଳଙ୍କାର ଲୁଟ୍ ହୋଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହେଇଛି। ସୂଚନା ଅନୁଯାଇ ଯନ୍ତ୍ରୀ କମଳ ଲୋଚନ କେନ୍ଦ୍ରାପଡ଼ା ସହରରେ ଏକ ଭଡା ଘରେ ଦୀର୍ଘଦିନ ହେବ ରହି ଆସୁଥିଲେ। ଏହାର ଫାଇଦା ନେଇ ମାର୍ଶାଘାଇ ଅଞ୍ଚଳର କିଛି ଅସାମାଜିକ ଯୁବକ ବିଳମ୍ବିତ ରାତ୍ରୀରେ କମଳଙ୍କ ଘରର ଝରକା ତାଡି ଘର ଭିତରେ ଥିବା ଗଦରେଜର ଲକର ତାଡି ୩୦ ଭରିରୁ ଉର୍ଦ୍ଧ୍ୱ ଗ୍ରାମର ସୁନା ଅଳଙ୍କାର ଲୁଟି ନେଇଥିବା ନେଇ କମଳ ଲୋଚନ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ତପନ ନାୟକ ସନ୍ଧନୀ କୁକୁରକୁ ନେଇ ତଦନ୍ତ ଜାରି ରଖିଛନ୍ତି।



# ୩ ଚୋରଙ୍କୁ କାବୁ କରି ପୋଲିସ ଜିମା ଦେଲେ ଅଟୋ ଚାଳକ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଲୱେ ଷ୍ଟେସନ୍‌ରେ ଜଣେ ଯାତ୍ରୀଙ୍କ ଠାରୁ ଟଙ୍କା ଓ ମୋବାଇଲ୍ ଲୁଟିବା ବେଳେ ଷ୍ଟେସନ୍ ଅଟୋ ଚାଳକ ସଂଘର ସଦସ୍ୟ ୩ ଚୋରଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଛନ୍ତି। ଷ୍ଟେସନ୍ ଅଟୋ ଚାଳକ ସଂଘର ସଦସ୍ୟ ୩ ଜଣ ଚୋରଙ୍କୁ କାବୁ କରି ରେଳବାଇ ପୋଲିସକୁ ଜିମା ଦେଇଛନ୍ତି। ସୂଚନା ଅନୁସାରେ, କଣ୍ଟାବାଞ୍ଜି ରେଳ ଷ୍ଟେସନ୍‌ରେ ଦିନକୁ ଦିନ ଲୁଟେରାଙ୍କ ପ୍ରାଦୁର୍ଭାବ ବଢୁଛି। ଚୋରମାନେ କେତେବେଳେ ଯାତ୍ରୀଙ୍କ ସୁନା ଚେନ୍ ଝାମ୍ପି ନେଉଛନ୍ତି ତ ଆଉ କେତେବେଳେ ଟଙ୍କା ଓ ମୋବାଇଲ୍ ଛଡ଼ାଇ ନେଉଛନ୍ତି। ରେଲୱେ ଷ୍ଟେସନ୍‌ରେ ଜଣେ ଯାତ୍ରୀଙ୍କ ଠାରୁ ଟଙ୍କା ଓ ମୋବାଇଲ୍ ଲୁଟିବା ବେଳେ ଷ୍ଟେସନ୍ ଅଟୋ ଚାଳକ ସଂଘର ସଦସ୍ୟ ୩ ଚୋରଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଛନ୍ତି। ୩ ଯୁବକଙ୍କୁ ରେଳବାଇ ପୋଲିସ ଜିମା ଦିଆଯାଇଛି। ୩ ଚୋରମାନଙ୍କ ପରିଚୟ କଣ୍ଟାବାଞ୍ଜି ଆଶ୍ରମ ପଡାର ରାଧେ ସୁନା, ହିମାନ ସୁନା ଏବଂ ରାଇପୁର ଅଞ୍ଚଳର ସେଖ ଗୁଲାମ ମୁସ୍ତାଫା ବୋଲି ଜଣାପଡିଛି। କିଛିଦିନ ପୂର୍ବରୁ ଏମାନେ ବରଗଡ଼ ଅଞ୍ଚଳର ଜଣେ ଯାତ୍ରୀଙ୍କ ଠାରୁ ୧୦ ହଜାରରୁ ଅଧିକ ଟଙ୍କା ଲୁଟି ନେଇଥିବା ଜିଆର୍‌ପି ଥାନାରେ ଅଭିଯୋଗ ହୋଇଛି।

# ଜୁଏଲାରୀ ଦୋକାନରୁ ଲୁଟି ନେଲେ ସର୍ବସ୍ୱ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ୫୫ନଂ ଚୌଦ୍ୱାର କଲେଜ ସମ୍ମୁଖ ରାସ୍ତା କଡରେ ଥିବା ଜଗନ୍ନାଥ ଜୁଏଲର୍ସ ନାମକ ଏକ ଅଳଙ୍କାର ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ପ୍ରମୋଦ କୁମାର ସାହୁ ଥାନାରେ କରିଥିବା ଅଭିଯୋଗ ସୂତ୍ରରୁ ପ୍ରକାଶଯେ ସବୁଦିନ ପରି ସେ ବୁଧବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ତାଙ୍କ ଦୋକାନ ଘର ତାଲା ଭଙ୍ଗାପଡିଥିବା ପାଖ ଦୋକାନୀ ଦେଖି ତାଙ୍କୁ ଖବର ଦେଇଥିଲେ। ଦୋକାନ ମାଲିକ ପ୍ରମୋଦ ସାହୁ ଦୋକାନରେ ପହଞ୍ଚି ତାଙ୍କ ଦୋକାନରେ ପଡିଥିବା ସଟରର ତାଲା ଭାଙ୍ଗି ଦୋକାନରେ ଲାଗିଥିବା ସିସିସଟିଭିକୁ ଭାଙ୍ଗି ଦୁବୃତ୍ତମାନେ ଭିତରେ ଥିବା ସମସ୍ତ ସାମଗ୍ରୀ ଚୋରିକରି ନେଇଯାଇଥିବା ଦେଖିବାକୁ ପାଇଥିଲେ। ପ୍ରମୋଦଙ୍କ ଠାରୁ ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଜାରୀ ରଖିଛି। ଅନୁରୂପଭାବେ ଦୁର୍ବୃତ୍ତମାନେ ଧୂମାବତୀ ଛକରେ ଥିବା ଏକ ସେଲୁନ୍‌ର ଆଜ୍‌ବେଷ୍ଟସ୍ ତାଡ଼ି ଦେକାନ ଭିତରେ ଥିବା ସାମଗ୍ରୀ ଚୋରେଇ ନେଇଥିବା ଅଭିଯୋଗ ହୋଇଛି।

# ରାଉରକେଲାରେ ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ



**ରାଉରକେଲା, ନ୍ୟୁଜ୍**

ଜିଲ୍ଲା କଂଗ୍ରେସ କମିଟି ଏବଂ ବାମପନ୍ଥୀ ଦଳମାନଙ୍କ ମିଳିତ ଓଡ଼ିଶା ବନ୍ଦ ଡାକରାରେ ରାଉରକେଲାର ବିଭିନ୍ନ ସ୍ଥାନ ମାନଙ୍କରେ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ନେତୃବୃନ୍ଦମାନେ ଅହିଂସାତ୍ମକ ଭାବରେ ଶାନ୍ତିପୂର୍ଣ ବନ୍ଦ ପାଳନ କରିଥିଲେ। ବିର୍ସା ଛକ, ଆମ୍ବେଦକର ଛକ, ପାନପୋଷ ଆଦି ଜନଗହଳିପୂର୍ଣ୍ଣ ସ୍ଥାନ ରେ ଦଳୀୟ ନେତୃବୃନ୍ଦମାନେ ସରକାର ବିରୋଧୀ ସ୍ଲୋଗାନ୍ ଦେଇ ଯାନବାହାନ ଗୁଡିକୁ ଅଟକାଇଥିଲେ। ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ବିର୍ସା ଛକ ଠାରେ ରାସ୍ତା ଅବରୋଧ କରାଯିବା ସହିତ ରାଉରକେଲା ରେଳ ଷ୍ଟେସନ୍‌ରେ ଶହ ଶହ ସଂଖ୍ୟାରେ କଂଗ୍ରେସ ଏବଂ ସିପିଆଇ, ସିପିଆଇଏମ୍‌ର କାର୍ଯ୍ୟକର୍ତ୍ତା ଏବଂ ନେତୃବୃନ୍ଦ ପହଞ୍ଚି ରେଳ ରୋକ୍ କରିଥିଲେ। ସହରର ମୁଖ୍ୟ ମାର୍ଗର ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ରୁପେ ବନ୍ଦ ରହିଥିଲା। ଏହି ବନ୍ଦ ପାଳନରେ କଂଗ୍ରେସ ଦଳର ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସହିତ ପୂର୍ବତନ ଜିଲ୍ଲା କଂଗେସ ସଭାପତି ଗଣେଶ ପ୍ରଧାନ, ରବି ରାଏ, ସନ୍ତୋଷ ବିଶ୍ୱାଳ, ସବୀର ହୁସେନ, ନିହାର ଦାସ, ବିନୋଦ ରାଉତ, ଇସ୍ତେହାର ମୋହମ୍ମଦ, ପ୍ରବୋଧ ଦାସ, ନଚିକେତା ମହାପାତ୍ର, ସୁନିତା ତିର୍କୀ, ରଞ୍ଜିତା ମଲ୍ଲିକ, ସୁନୀଲ ପଟ୍ଟନାୟକ, ହରପ୍ରସାଦ ସାମଲ, ରଘୁନାଥ ଦାସ, ଭୀମ ମାହାତୋ, ସୂର୍ଯ୍ୟକାନ୍ତ ବାରିକ, ରତିକାନ୍ତ ମଲ୍ଲିକ, ଆଦେଶ ସୁନା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ସିପିଏମ୍‌ର ରାଉରକେଲା ସମ୍ପାଦକ ରାଜକିଶୋର ପ୍ରଧାନ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ବି ପି ମହାପାତ୍ର, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ ଏବଂ ସିପିଆଇର ପ୍ରଦୋଷ ମହାନ୍ତି, ଅନୁପମ ଦତ୍ତ, ଆଇୟୁବ ଜୋଜ ପ୍ରମୁଖ ନେତୃତ୍ୱ ନେଇ ବନ୍ଦକୁ ପାଳନ କରିଥିଲେ।

# ହାତୀ ମୃତ୍ୟୁ ଘଟଣା:୫ ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ସଲେଇକେନା ସଂରକ୍ଷିତ ଜଙ୍ଗଲରେ ଗଳିତ ମୃତ୍ୟୁ ଦେହ ଉଦ୍ଧାର ହୋଇଥଲା। ଏହି ଘଟଣାର ତଦନ୍ତ ପରେ ବନ ବିଭାଗ ଉକ୍ତ ସଲେଇକେନା ଗ୍ରାମର ନନ୍ଦକିଶୋର ମୁଣ୍ଡା, ଅରଦାର ମୁଣ୍ଡା, ମଙ୍ଗଳ ମୁଣ୍ଡା, ମହା ମୁଣ୍ଡା, ରାଜୁ ମୁଣ୍ଡାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ କେଉଁ କାରଣରୁ ହାତୀ ମୃତ୍ୟୁ ହୋଇଥିବା ନେଇ ତଥ୍ୟ ପ୍ରଦାନ କରାଯାଇନାହିଁ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୯।୭।୨୦୨୫, ଶ୍ରାବଣ ଦି୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୧୭।୪୩ ଚନ୍ଦ୍ରୋଦୟ- ରାଘ ୧୨।୩୦।୦୯**

**ନବମୀ-** ଦିଘ ୨।୪୩ ପର୍ଯ୍ୟନ୍ତ। **ଦ୍ୱିଜା ନକ୍ଷତ୍ର-** ରାଘ ୧୨।୩୭ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଏବଂ ଦଶମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୨।୪୩ ପରେ କଳମ ଶାଗ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଘ ୧।୧୫ ମଧ୍ୟେ। ରାଘ ୮।୩୬ ଗତେ ଘ ୧୦।୪୭ ମଧ୍ୟେ। **ପର୍ବୋତ୍ସବ-** ସ୍ୱାମୀ ଶିବାନନ୍ଦଙ୍କ ମହାପ୍ରୟାଣ ଦିବସ।



**ମେଷ:** ସାମାଜିକ କାର୍ଯ୍ୟରେ ଯୋଗଦେବେ। ସତକଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ। ମହିଳାମାନେ ସୁଖୀ ହେବେ।



**ବୃଷ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ପାରିବାରିକ ଜୀବନ ସୁଖମୟ ହେବ। ଆର୍ଥିକ ସ୍ଥିତି ଚିନ୍ତାଜନକ ହୋଇପାରେ। ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ମନ ଅସ୍ଥିର ରହିବ।



**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ। ନୂତନ କାର୍ଯ୍ୟ ହାତକୁ ନେଇପାରନ୍ତି। ଶୁଭ ଖବର ମିଳିପାରେ। ରୋଜଗାର ଭଲ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**କର୍କଟ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେବ ଦର୍ଶନ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ସିଂହ:** ମାଲିମୋକଦ୍ଦମା କ୍ଷେତ୍ରରେ ବିଜୟ ହାସଲ କରିବେ। ଆୟ ଠାରୁ ବ୍ୟୟର ପରିମାଣ ସାମାନ୍ୟ ବଢ଼ିପାରେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ମହିଳାମାନେ ଗର୍ବୀ ହେବେ।



**କନ୍ୟା:** ଦିନଟି ଆପଣଙ୍କ ପାଇଁ ସମସ୍ୟା ପୂର୍ଣ୍ଣ ହେବ। ବ୍ୟୟର ମାତ୍ରା ବଢ଼ିପାରେ। ପରିଶ୍ରମର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ପରୋପକାରୀ ହେବେ। ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରଖନ୍ତୁ। ରୋଜଗାର ଭଲ ହେବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଶରୀର ସୁସ୍ଥ ରହିବ। ମହିଳାମାନେ ସୁଖୀ ହେବେ। ମନ ଭଲ ରହିବ।



**ବିଛା:** ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ। ହଠାତ୍ କୌଣସି ଶୁଭ ଖବର ମିଳିପାରେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଓ ମନ ଭଲ ରହିବ।



**ଧନୁ:** ବନ୍ଧୁ ମିଳନ ସହ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ପରୋପକାରୀ ହେବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବାର ସୂଚନା।



**ମକର:** ହଠାତ୍ କୌଣସି ଖବର ପାଇ ମାନସିକ ଚିନ୍ତା ବଢ଼ିପାରେ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। ନୂତନ କାର୍ଯ୍ୟ ହାତକୁ ନେଇ ସଫଳ ହେବେ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଗୃହେ ଶାନ୍ତି ରହିବ। ପିଲାମାନେ ପାଠପଢ଼ାରେ ଆଗେଇବେ। ଦେହ ଭଲ ରହିବ।



**ମୀନ:** ଶତ୍ରୁ ନାଶ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭ୍ରମଣ ସୁଖ ରହିଛି। ମନ ଭଲ ରହିବ। ଆୟରେ ଉନ୍ନତି ଦେଖାଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୦।୭।୨୦୨୫, ଶ୍ରାବଣ ଦି୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୧୮।୦୬ ଚନ୍ଦ୍ରୋଦୟ- ରାଘ ୧।୨୨।୧୩**

**ଦଶମୀ-** ଦିଘ ୧୨।୧୩ ପର୍ଯ୍ୟନ୍ତ। **କୃତିକା ନକ୍ଷତ୍ର-** ରାଘ ୧୦।୫୩ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ପ୍ରାଘ ୬।୧୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର। ପ୍ରାଘ ୬।୧୧ ଗତେ ବୃଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। ପ୍ରାଘ ୬।୧୧ ଗତେ ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଏବଂ ଦଶମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୨।୧୩ ପରେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୨ ଗତେ ଦିଘ ୯।୪୨ ମଧ୍ୟେ। ଦିଘ ୧।୩୧ ଗତେ ଘ ୨।୦୩ ମଧ୍ୟେ। **ପର୍ବୋତ୍ସବ-** ମା' ଶାରଦା ଦେବୀଙ୍କ ଶ୍ରାଦ୍ଧ ଦିବସ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଶ୍ୱକୁ ଚିନ୍ତା ବଢ଼ାଇଛି ଆମେରିକାର ଫାଷ୍ଟ ନୀତି

ପୁଣି ଛାଡ଼ିଲା ଆମେରିକା ରାଷ୍ଟ୍ରପତିଙ୍କ ଟାରିଫ୍ ବୋମା । ଏଥର ତାଙ୍କ ଟାର୍ଗେଟରେ ଅଛନ୍ତି ଶତାଧିକ ଦେଶ । ଜାପାନ, ବ୍ରାଜିଲ, କାନାଡା ଓ ଇଣ୍ଡୋନେସିଆ ପରେ ଏବେ ୧୫୦ ଦେଶକୁ ପଠାଇବେ ଟାରିଫ୍ ଲେଟର । ଏନେଇ ନିଜେ ସୂଚନା ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ତାଙ୍କର ଆମେରିକା ଫାଷ୍ଟ ନୀତି ଏବେ ସାରା ବିଶ୍ୱର ଚିନ୍ତା ବଢ଼ାଇଛି । ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଟ୍ରମ୍ପ କହିଛନ୍ତି, ଆମେ ଏବେ ଦୁନିଆର ୧୫୦ରୁ ଅଧିକ ଦେଶକୁ ଟାରିଫ୍ ଲଗାଇବା ନେଇ ଲେଟର ପଠାଇବୁ । ଲାଗୁ ହେବାକୁ ଥିବା 'ନିଉ ଟାରିଫ୍ ରେଟସ୍' ୧ ଅଗଷ୍ଟକୁ ଲାଗୁ ହେବାର ଆଶା କରାଯାଉଛି । ଟାରିଫ୍ ଲେଟର ହେଉଛି ଆମେରିକାର ବାଣିଜ୍ୟ ସର୍ତ୍ତ ଉପରେ ପୁଣିଥରେ ଆଲୋଚନା କରିବାର ଏକ ବ୍ୟାପକ ରଣନୀତିର ଅଂଶ । ଯେଉଁ ୧୫୦ ଦେଶକୁ ଚିଠି ପଠାଯିବ, ତାଙ୍କ ଉପରେ ୧୦ ରୁ ୧୫ % ପର୍ଯ୍ୟନ୍ତ ଟାରିଫ୍ ଲାଗିପାରେ । ନୂତନ ତାଲିକାରେ ଅନ୍ତର୍ଭୁକ୍ତ ଏହି ଦେଶଗୁଡ଼ିକୁ ବଡ଼ ନୁହଁନ୍ତି ବୋଲି ଟ୍ରମ୍ପ କହିଛନ୍ତି । ତାଙ୍କ କହିବା ଅନୁସାର ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସମାନ ଶୁଳ୍କ ହାର ସ୍ଥିର କରିବା । ତେବେ ଆମେ ଏପର୍ଯ୍ୟନ୍ତ କୌଣସି ଅନ୍ତିମ ନିଷ୍ପତ୍ତି ନେଇ ନାହୁଁ । ସେପଟେ ଭାରତ ସହ ବାଣିଜ୍ୟ ଚୁକ୍ତି ନେଇ ଟ୍ରମ୍ପ ପୁଣି ମୁହଁ ଖୋଲିଛନ୍ତି । ସେ ପୁଣି ଥରେ କହିଛନ୍ତି ଖୁବ୍ ଶୀଘ୍ର ଭାରତ ସହିତ ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିର ହେବାକୁ ଯାଉଛି । ଆମେ ଅନେକ ଭଲ ଦେଶ ସହିତ ଚୁକ୍ତି କରିଛୁ, ଏବେ ହୁଏତ ଆମର ଭାରତ ସହିତ ମଧ୍ୟ ଏକ ଚୁକ୍ତି ହେବ । ଯେତେବେଳେ ମୁଁ ଚିଠି ପଠାଇବି, ସେତେବେଳେ ବୁଝିଯିବେ ଯେ ଚୁକ୍ତି ହୋଇସାରିଛି ।' ଏହା ଭିତରେ ଟ୍ରମ୍ପ ୟୁରୋପୀୟ ସଂଘ ସହ ସମ୍ଭାବିତ ଟ୍ରେଡ୍ ଡିଲ୍ ଉପରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି । କିନ୍ତୁ ସେ କହିଛନ୍ତି, ହୁଏତ ୟୁରୋପ ସହ ଏକ ଚୁକ୍ତି ହୋଇପାରେ । ସେଭଳି ଅନ୍ୟପକ୍ଷେ କନାଡା ଉପରେ ଲଗାଯାଇଥିବା ଟାରିଫକୁ ନେଇ କହିଛନ୍ତି ଏହାର ପରିଣାମ କ'ଣ ହେବ ତାହା କହିବା ଏବେ ସମ୍ଭବ ନୁହେଁ । ଟ୍ରମ୍ପଙ୍କ ନୂଆ ଟାରିଫ ଲେଟର ଅନୁସାରେ, ଅଗଷ୍ଟରେ କାନାଡାର କିଛି ଜିନିଷ ଉପରେ ୩୫% ହାଇ ଟାରିଫ୍ ଲଗାଇବାର ଘୋଷଣା କରିଥିଲେ । ପୂର୍ବରୁ ଜାପାନ-ଦକ୍ଷିଣ କୋରିଆ ସହ ମୋଟ ୧୪ଟି ଦେଶକୁ ମଧ୍ୟ ଟାରିଫ୍ ଲେଟର ପଠାଇ ସାରିଛନ୍ତି । ଜାପାନ ଉପରେ ୨୫% ଟାରିଫ୍ ଲଗାଯିବା ନେଇ ଘୋଷଣା କରୀଥିଲେ । ଟ୍ରମ୍ପଙ୍କ ନୂତନ ଶୁଳ୍କ ଘୋଷଣା ପଛରେ ଥିବା ରଣନୀତିକୁ ଯଦି ଦେଖିବା, ତେବେ ଏହାର ଲକ୍ଷ୍ୟ ହେଉଛି ବାଣିଜ୍ୟିକ ଅଂଶୀଦାରମାନଙ୍କୁ ଆମେରିକା ସହିତ ଅଧିକ ଅନୁକୂଳ ସର୍ତ୍ତାବଳୀ ସହ ଆଲୋଚନା କରିବାକୁ ବାଧ୍ୟ କରିବା । ଅଗଷ୍ଟ ୧ ତାରିଖ ଶୁଳ୍କ କାର୍ଯ୍ୟକାରୀ କରିବାର ଶେଷ ତାରିଖ ପାଖେଇ ଆସୁଥିବାରୁ, ଅନେକ ଦେଶ ଟ୍ରମ୍ପଙ୍କ ଦ୍ୱାରା ଏହି ନୂତନ ଶୁଳ୍କର ପ୍ରଭାବକୁ ହ୍ରାସ କରୁଥିବା ସର୍ତ୍ତାବଳୀ ନେଇ ଆଲୋଚନା କରିପାରନ୍ତି ।



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୩୧

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୪୫. ମୋର ତୃତୀୟ ପତ୍ର ଓ ଉଦୟନଙ୍କ ଗ୍ରାମ ଗମନ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେତେବେଳେ ମନରେ ନିରାଶା ଭାବର ଉଦ୍ରେକ ହୋଇ ଯେତେ ପୀଡାଦାୟକ ହୋଇଥାଏ, ତା'ପରେ ଯେତେବେଳେ ଆଶାର ଶୁଭ ସଂକେତ ମିଳିଥାଏ ସେତେବେଳର ଆନନ୍ଦ ତାହାଠାରୁ ଅଧିକ ଅନୁଭୂତ ହୋଇଥାଏ । ଏହି ମୁହୂର୍ତ୍ତରେ ତାହା ମୁଁ ଅନୁଭବ କରି ହର୍ଷୋଲ୍ଲସିତ ହୋଇ ଜୀବନ ଅତିବାହିତ କରୁଥିଲି । ସୁହାସୀ ଓ ମୁଁ ଉତ୍କଣ୍ଠାରେ ଅପେକ୍ଷାରତ ରହୁଥିଲୁ ଯେ କେବେ ଉଦୟନ ସ୍ୱଗ୍ରାମକୁ ଯିବେ ଓ କିଛି ଶୁଭ ସଂବାଦ ଆଣିକରି ଆସିବେ ।

ଉଦୟନ ସେ ଦିନର ମିଳନ ପରେ ଗୃହ ଯାଇ ମୋ ପତ୍ର ପଢି ଆନନ୍ଦ ବିଭୋର ହୋଇଗଲେ ବୋଲି ପରେ ସେ ମୋତେ କହିଥିଲେ । କ'ଣ ତାଙ୍କ ମନରେ ଆସିଥିଲା ମୁଁ ପରେ କହିବି ।

ଆମ୍ଭ ଅପେକ୍ଷାର ତିନିଦିନ ହୋଇଗଲାଣି । ଉଦୟନ ଶିକ୍ଷାଦାନ କକ୍ଷକୁ ନିୟମିତ ଆସୁଛନ୍ତି । କିନ୍ତୁ ସେହି ତୃତୀୟ ଦିନ ସେ ଆଉ ଜଣେ ସହପାଠୀଙ୍କୁ କିଛି ଉଚ୍ଚ ସ୍ୱରରେ କହିଲେ, "ବନ୍ଧୁ, ମୁଁ କାଲିଠାରୁ ୩-୪ ଦିନ ନିଜ ଗ୍ରାମକୁ ଯିବି । କିଛି କାର୍ଯ୍ୟ ଅଛି ।" ଏହି ଉଚ୍ଚସ୍ୱର ନିଶ୍ଚୟ ଆମପାଇଁ ଉଦ୍ଦିଷ୍ଟ ଥିଲା । ଆମ୍ଭେ ଦୁହେଁ ଘରେ ଆସି ଏ ସଂବାଦ ପାଇଥିବାରୁ ହସିଲୁ ।

ଉଦୟନ ନିଜ ଗ୍ରାମକୁ ଗଲେ । ସେଠାରେ କ'ଣ କ'ଣ ଘଟିଲା ତାହା କହିବା ପୂର୍ବରୁ ମୋର ପୂର୍ବୋକ୍ତ କବିତା ଭିତ୍ତିକ ପତ୍ରର ରୂପରେଖ ବର୍ତ୍ତମାନ ଉଦ୍ଧାର କରୁଅଛି । ଏଠାରେ ଏହା ଦ୍ରଷ୍ଟବ୍ୟ ଯେ ସମଗ୍ର ପତ୍ରର ପ୍ରତ୍ୟେକ ପଦର ପ୍ରତ୍ୟେକ ଛଅ ଅଂଶର ପ୍ରଥମ ଅକ୍ଷର ହେଉଛି 'କ' । ଉଦୟନ ଯେଉଁ ଶୈଳୀରେ 'ନ'କୁ ପ୍ରଥମ ଅକ୍ଷର କରି ମୋତେ ତାଙ୍କ ଦ୍ୱିତୀୟ ପତ୍ର ଲେଖିଥିଲେ, ମୋ କବିତାଟି ତଦନୁରୂପ ଅଟେ ।

କମଳାକ୍ଷ କମନୀୟ    କାମମୋହନ ହେ ପ୍ରିୟ
କଲ ବହୁ କୃପା ମୋ ଉପରି
କଥାଦେଲ ପ୍ରଣୟର    କଲସୁ ସୁଧା ଢାଳିଲ
କାମକ୍ଲେଶ ଗଲା ଅପସରି ।।୧।।
କରନାହିଁ ହେ କୌଣସି    କାର୍ଯ୍ୟ ବ୍ୟଗ୍ରତାରେ ଆସି
କାଟଇ ଧୀର ପାଣି ପଥର
କର୍ମବୀରର ସମ କର୍ମ    କର ରଖି ସ୍ଥିର ମନ
କହନି ତ୍ୟାଗିବ ନିଜ ଘର ।।୨।।
କଷ୍ଟ ଦେଇ ପିତାମାତେ    କରିଲେ ବିବାହ ମୋତେ
କିପରି ଜୀବନେ ସୁଖୀ ହେବା
କଳଙ୍କ କରିବ ଗ୍ରାସ    କୁଳେ ହେବ ଧର୍ମନାଶ
କେହ୍ନେ ଆମ୍ଭେ ସହନ କରିବା ।।୩।।
କିଂଶୁକ କାନ୍ତି ରଂଜଇ    କିନ୍ତୁ ତା'ର ଗନ୍ଧ ନାହିଁ
କାମାଶକ୍ତ ତେହ୍ନେ ଗୁଣ ବିନା
କରଣୀୟ ନୁହେଁ ତେଣୁ    କଦାପି ତା' କେ କାରଣୁ
କେବେହେଁ ନ ଆଣ ସେ ଭାବନା ।।୪।।
କାମିନୀ କହିବା କଥା    କରେନି ଅବଜ୍ଞା ଭର୍ତ୍ତା
କାମରେ ଆସିବେ ଦୁଇ ମାତା
କହି ବିନୟ ବଚନ    କିଣି ନିଅ ତାଙ୍କ ମନ
କରିବେ ସେ ସମସ୍ତ ବ୍ୟବସ୍ଥା ।।୫।।
କହିଲେ ଗୁରୁ ଓ ପିତା    କେତେ ବା କଠୋର କଥା
କରଯୋଡି ସହି ନେବ ସର୍ବେ
କଥନ ବିଦ୍ୟା ନିପୁଣା    କୋବିଦ ଜ୍ଞାନ ପ୍ରବୀଣା
କଥାକୁ ଗୁରୁମା' ସମ୍ଭାଳିବେ ।।୬।।
କହିବ ବୁଝାଇ ମାତେ    କରି ତର୍କ ଶାସ୍ତ୍ର ମତେ
କୃତକାର୍ଯ୍ୟ ନିଶ୍ଚୟ ସେ ହେବେ
କିନ୍ତୁ ହେଲେ ବିପରୀତ    କେଉଁ ନ ମାନି ପରାସ୍ତ
କଲ୍ଲୋଳିନୀ ଗୁହାରି ରଖିବେ ।।୭।।
କହିବେ ଗୁରୁଙ୍କୁ ଧୀରେ    କନ୍ୟା ମନ ଯେ ଦ୍ୱନ୍ଦ୍ୱରେ
କଷ୍ଟ ଭୋଗୁଛି ଅତି ଗହନ
କରି ତର୍କ ତା' ସହିତ    କ୍ଲେଶ ତା'ର କର ଅନ୍ତ
କଳିଙ୍ଗରୁ କରୁ ସେ ପ୍ରସ୍ଥାନ ।।୮।।
କାମ ହେବ ତ ସହଜ    କରିପାରିଲେ ଏ କାର୍ଯ୍ୟ
କନ୍ୟାଦ୍ୱୟ ଆମ୍ଭେ ତର୍କ କରି
କୁଳଗୁରୁ ପିତା ମନ    କୌଣସି ମତେ ଜିତିଣ
କୃତିତ୍ୱକୁ ପାରିବୁ ଆଦରି ।।୯।।
କର୍ମଯୋଗୀ ଆହେ ପ୍ରିୟ    କରନା ମନରେ ଭୟ
କରିବା ନିଶ୍ଚୟ ଲାଭ ଜୟ
କଲ୍ଲୋଳିନୀ ହର୍ଷମନ    କ୍ଲେଶହୀନ ଉଦୟନ
...
(ଦୁର୍ଗାଚରଣ ଦିଏ ଅଭୟ)

[ଶବ୍ଦ/ପଦର ଅର୍ଥ :

**ପଦ (୧)ରୁ (୩) :** କମଳାକ୍ଷ-କମଳ (ପଦ୍ମ) ପରି ଯା'ର ଆଖି ସୁନ୍ଦର । କଲସୁଁ-ମାଠିଆରୁ । ସୁଧା-ଅମୃତ । ଅପସରି-ଦୂର ହୋଇଯିବା । ବ୍ୟଗ୍ରତା-ଶୀଘ୍ରତା । କାଟଇ ଧୀର ପାଣି ପଥର-ଧୀର ଗତିରେ ଗଡି ଯାଉଥିବା ପାଣି ପଥରକୁ କାଟିଦିଏ । ତୁମେ ପିତାମାତାଙ୍କୁ କଷ୍ଟ ଦେଇ ମୋତେ ବିବାହ କଲେ ଜୀବନରେ ଆମେ କିପରି ସୁଖୀ ହେବା ? ଏହାଦ୍ୱାରା କଳଙ୍କରେ ଗ୍ରାସ ହୋଇ ବଂଶର ଧର୍ମନାଶ ଘଟିବ । ଏସବୁ ଆମେ କିପରି ସହି ପାରିବା ?

**ପଦ (୪) :** କିଂଶୁକ ବା ଗାଢ ନାଲି ରଙ୍ଗର ପଳାଶ ଫୁଲ ନିଜର କାନ୍ତି (ସୁନ୍ଦର ରୂପ)ରେ ମନକୁ ରଂଜନ କରୁଥିଲେ ମଧ୍ୟ ତା'ର ଗନ୍ଧ ନ ଥାଏ । ସେହିପରି କାମାଶକ୍ତ ବ୍ୟକ୍ତି ସୁନ୍ଦର ହେଲେ ମଧ୍ୟ ତା'ର ଗୁଣ ନ ଥାଏ । ତେଣୁ କେଉଁ କାରଣରୁ ହେଲେ ମଧ୍ୟ ତାହା (ପ୍ରେମକରି ଘର ଛାଡିବା) କଦାପି କରିବା ଯୋଗ୍ୟ (କରଣୀୟ) ନୁହେଁ । ସେଥିପାଇଁ କେବେହେଲେ (କଦବା) ଏପରି ଭାବନା ମନରେ ଆଣ ନାହିଁ ।

**ପଦ (୫ରୁ ୮) :** କାମିନୀ-ସ୍ତ୍ରୀ । ଅବଜ୍ଞା-ନ ମାନିବା । ଭର୍ତ୍ତା- ସ୍ୱାମୀ, ପତି । ଦୁଇମାତା-କୁଳଗୁରୁଙ୍କ ସ୍ତ୍ରୀ ଓ ଉଦୟନଙ୍କ ମାଆ । କଥନବିଦ୍ୟା ନିପୁଣା-କହିବାରେ ପାରଙ୍ଗମ । ବିପରୀତ-ଓଲଟା । ଗହନ-ବହୁତ ଅଧିକ । କନ୍ୟାଦ୍ୱୟ-ମୁଁ ଓ ସୁହାସିନୀ ।]

(ଲେଖକଙ୍କ "କାବ୍ୟ କଲ୍ଲୋଳିନୀ'ରୁ ଆନୀତ)

ଏ ଥିଲା ମୋ ପତ୍ରର କଥାବସ୍ତୁ । ଯାହା ପୂର୍ବରୁ କହିଛି, ଉଦୟନ ମୋତେ ଯାହା ପରେ କହିଥିଲେ ମୋ ପତ୍ର ପାଇ ତାଙ୍କ ମନରେ ଯେଉଁ ଭାବନା ଆସିଥିଲା ତାହା ମୁଁ ସଂକ୍ଷେପରେ ପ୍ରକାଶ କରୁଅଛି ।

'ସେମାନେ ଅସମ୍ମତି ହେଲେ ପିତା ମାତା ଆଦିଙ୍କୁ ଅମାନ୍ୟ କରି ମୁଁ ଗୃହତ୍ୟାଗ କରି କଲ୍ଲୋଳିନୀକୁ ବିବାହ କରିବା ମନୋବୃତ୍ତିକ ବାରଣ କରି ମୋ ପ୍ରିୟା ଯେଉଁ ସବୁ ଉପଦେଶ ଦେଇଅଛି, ତାହା ଅତୀବ ନୈତିକ ସୁଂଦର ଓ ଶିକ୍ଷଣୀୟ ।' ଏହା ଏକ ଭାରତୀୟ ନାରୀର ଉତ୍ତମ ସ୍ୱଭାବର ପରିଚୟ ଦେଇଥାଏ । ପୁନଃ ମୋ ମନ ଓ ଶରୀରରେ ଏହା ଅସୀମ ଶକ୍ତି ସଂଚାର କରିଛି ଯେ ସେ ଏକ ଅବଳା ହୋଇ ମୋ ପିତା ଓ କୁଳଗୁରୁଙ୍କ ସହ ଆମ୍ଭ ଏ ବିବାହ ସପକ୍ଷରେ ତାତ୍ତ୍ୱିକ ଶାସ୍ତ୍ରୀୟ ତର୍କ କରିବାପାଇଁ ମନସ୍ଥ କରିଥିବା କଥା । ଏ ସବୁକୁ ସୁଂଦର ଭାଷାରେ ସେ ବ୍ୟକ୍ତ କରିଛି, ତାହା ତା'ର ବଳିଷ୍ଠ ଆତ୍ମବିଶ୍ୱାସର ପରିଚାୟକ । ତେଣୁ ମୁଁ ଉପଯୁକ୍ତ କଥା ମୋର ଗୁରୁଜନଙ୍କ ସମକ୍ଷରେ ଉପସ୍ଥାପନ କରିବାକୁ କାହିଁକି ଭୟ କରିବି ?

ବର୍ତ୍ତମାନ ମୋ ମନ ଏତେ ଦୃଢ଼ ଓ ସଶକ୍ତ ହୋଇଯାଉଛି ଯେ ଏ ପର୍ବତ ପରି ପ୍ରତିବଂଧକକୁ ଲଂଘନ କରିବାକୁ ମୁଁ ସକ୍ଷମ ।"

ଏହି ଥିଲା ଉଦୟନଙ୍କ ସେ ସମୟର ମନୋସ୍ଥିତି । ତା'ପରେ କ'ଣ ହେଲା ମୁଁ ପୂର୍ବରୁ କହିଛି । ଗ୍ରାମରେ ଯାଇ ସେ କିପରି ଲକ୍ଷ୍ୟ ପ୍ରାପ୍ତ ନିମିତ୍ତ ଅଗ୍ରସର ହେଲେ, ସେ ବିଷୟରେ ମୁଁ କହୁଅଛି । **(କ୍ରମଶଃ)**



ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ
୮୭୬୩୭୮୮୬୧୪

# ମନର ମୂଳେ ଏ ଜଗତ

ସୃଷ୍ଟିର ଅନେକ ବୈଚିତ୍ର୍ୟ ମଧ୍ୟରୁ ମନୁଷ୍ୟ ଯେ ସର୍ବଶ୍ରେଷ୍ଠ ସେଥିରେ ତିଳେମାତ୍ର ସନ୍ଦେହ ରହିବା ଅନୁଚିତ୍ । ଲକ୍ଷଲକ୍ଷ ପ୍ରକାରର ଜୀବଜନ୍ତୁ, ବୃକ୍ଷରାଜି, ଗୁଳ୍ମଲତା ମଧ୍ୟରେ ମନୁଷ୍ୟ ହିଁ ସ୍ୱତନ୍ତ୍ରା ଅବଶ୍ୟ ସମସ୍ତେ ସ୍ୱତନ୍ତ୍ର ଅଟନ୍ତି କିନ୍ତୁ ମାନବର ଭିନ୍ନତା ଟି ତା'ର ମନକୁ ନେଇ ହୋଇଥାଏ । ଏଇ ମନ ଶବ୍ଦଟି ତ ଆଉ କାହା ପାଖରେ ଅଛି ବୋଲି ବିଶେଷ ଭାବରେ ଦେଖାଯାଇ ନଥାଏ । ମଣିଷ ତା'ର ବାହ୍ୟରୂପ ଠାରୁ ଅତ୍ୟନ୍ତ ଭିନ୍ନ ହୋଇପାରେ ତା'ର ଅନେକ ପ୍ରମାଣ ରହିଛି। ଚେହେରା ସୁନ୍ଦର ହେଲେ ମନ ସୁନ୍ଦର ହେବ ତାର କିଛି ମାନେ ନଥାଏ । କୁହାଯାଏ ମନ ଉପରେ କାହାର ନିୟନ୍ତ୍ରଣ ଅଛି ? ତେବେ ମନକୁ ନିୟନ୍ତ୍ରଣ କରିପାରିଲେ ମନୁଷ୍ୟ ପରି ଶ୍ରେଷ୍ଠତା ଆଉ କାହା ପାଖରେ ଦେଖିବାକୁ ମିଳେନାହିଁ । ହେଲେ ସେଇ କାର୍ଯ୍ୟ କ'ଣ ଏତେ ସହଜ ଯାହାକୁ ମୁନିଋଷିଗଣ ହଜାର ହଜାର ବର୍ଷ ସାଧନା କରି ପାଇବା କଷ୍ଟ ହେଉଥିଲା । ଏବେ ପ୍ରଶ୍ନ ଉଠୁଛି ଆମେ କାହିଁକି ମନକୁ ସଂଯତ କରିବା ? ମନ ଯାହା ଚାହୁଁଛି ତାହା କଲେ ଯେ ଆମେ ଖୁସି ପାଇବା ।

ମନ ଚାହୁଁଛି ସୁସ୍ୱାଦୁ ଖାଦ୍ୟ ଖାଇବ, ମନୋରଞ୍ଜନ ପାଇଁ ବିଭିନ୍ନ ଦୃଶ୍ୟ ଦେଖିବ । ଚାରିଆଡେ ମୁକ୍ତ ବିହଙ୍ଗ ପରି ବୁଲିବ, ସୁନ୍ଦର ସୌଖୀନ ବେଶପୋଷାକ ପରିଧାନ କରିବ । ମନର ଚାହିଁବା ଟା ଠିକ୍ କି ଭୁଲ୍ ତାକୁ ବିଚାର କରୁ କରୁ ଜୀବନଟା ସରିଯାଏ । ପ୍ରକୃତ କଥା ହେଉଛି ସମାଜରେ ସମସ୍ତେ ଗୋଟିଏ ଶୃଙ୍ଖଳରେ ବନ୍ଧା ସେଥିପାଇଁ ମନୁଷ୍ୟକୁ ଗୋଟିଏ ସାମାଜିକ ପ୍ରାଣୀ ବୋଲି କୁହାଯାଏ। ଜଣକର ଭୁଲ୍ ପାଇଁ ଆଉ ଜଣକୁ ଦଣ୍ଡ ଭୋଗିବାକୁ ପଡେ । ଏହା ବେଳେବେଳେ ଅନେକ ସମୟ ପର୍ଯ୍ୟନ୍ତ ଗଡ଼ି ଚାଲିଥାଏ । ଏମିତି କୌଣସି କାର୍ଯ୍ୟ ନାହିଁ ଯାହାର ପ୍ରଭାବ ଅନ୍ୟ ଉପରେ ପଡ଼େନାହିଁ । ତେଣୁ ନିଜ ପାଇଁ ଲାଗୁଥିବା ଆନନ୍ଦ ଅପରର ଦୁର୍ଭାଗ୍ୟ ସାଜିଥାଏ ବୋଲି କୁହାଯାଏ ।

ମଣିଷ ମନର ଭିତରି କଥାଟିକୁ କେହି କ'ଣ ଜାଣିପାରେ । ଏପରିକି ସେ ନିଜେ ମଧ୍ୟ ଜାଣିପାରେନା । କାରଣ ମନର ବେଗ ଅତ୍ୟନ୍ତ ପ୍ରଖର । ସେ ନୀରବରେ ସହସ୍ର କୋଶ ଅତିକ୍ରମ କରିପାରେ। ମନର ଚାରିକାନ୍ଥ ଭିତରେ ଘଟୁଥିବା ଘଟଣା ଓ ଉଦ୍‌ବେଳନକୁ ସଠିକ୍ ରୂପରେଖ ଦେଇହୁଏନା । ସେଥିପାଇଁ ବୟସର ନିର୍ଦ୍ଦିଷ୍ଟ ଦୂରତା ଅତିକ୍ରମ କଲାପରେ ମନର ଭାବନାକୁ ଆରାମରେ ଲୁଚାଇ ଦିଆଯାଇପାରେ । ଯେତେବେଳେ ସେ ଶିଶୁ ଅବସ୍ଥାରେ ଥାଏ ତା'ର ନିଷ୍ପାପ ମନକୁ ଦେବ ଶିଶୁ ବୋଲି ଆଖ୍ୟା ଦିଆଯାଇଥାଏ । ସେହି ପବିତ୍ର ମନର ଓଜନକୁ ବଡମାନେ ବହନ କରିପାରନ୍ତିନି । ତେଣୁ ନିଜକୁ ଗୋଟିଏ ଖୋଳପା ଭିତରେ ରଖି ଅଭିନୟ କରିବାକୁ ପଡିଥାଏ । ଅଭିନୟ କରୁକରୁ କେତେବେଳେ ପକ୍କା ଅଭିନେତା ଅଭିନେତ୍ରୀ ହେବା ନିଶାରେ ନିଜର ନିଜତ୍ୱକୁ ବଳି ପକାଇ ଦିଅନ୍ତି ତାହା କହି ହୁଏନା।

ମନର ଚାହିଁବାଟା ଅସ୍ୱାଭାବିକ ହେବାରେ ଲାଗେ ଯେତେବେଳେ ସେ ନିଜର ସୁଖ ଠାରୁ ଅନ୍ୟର ଅସୁଖ ଦେଖିବା ପାଇଁ ଚାତକ ଭଳି ଅନାଇ ବସେ । ନିଜେ ଜଳି ସମସ୍ତଙ୍କୁ ଆଲୋକିତ କରିବା ବଦଳରେ ଜାଳିଦେବା ପାଇଁ ଇଚ୍ଛୁକ ହୁଏ । ମନ ଭଲମନ୍ଦର ବିଚାର କରିବା ପାଇଁ ଅସମର୍ଥ ହୋଇପଡ଼େ । ନିଜର ମାନସିକ ପୂର୍ତ୍ତିକୁ ପୂରଣ କରିବା ନିମନ୍ତେ ଅନ୍ୟ ପାଇଁ ବିବେକହୀନ ଏବଂ କଠୋର ହୋଇପଡେ। ଯଦିଓ ଅନେକେ ବାହ୍ୟ ପରିବେଶରେ ନିଜକୁ ସୁନ୍ଦର, ସଙ୍କୋଟ ଭାବେ ସଜାଇ ଏକ ନିର୍ମଳ ଭାବମୂର୍ତ୍ତି ତିଆରି କରିଥାନ୍ତି। ଆମ ସମାଜର ମାତ୍ରାଧିକ ବ୍ୟକ୍ତି ମୁହଁ ଉପରେ କୁହନ୍ତି "ଏ ସଂସାର ମିଛ, ମାୟା ତେଣୁ କିଏ କ'ଣ ନେଇକି ଯିବ, କେବଳ ଟିକେ ମିଠାକଥା, ବ୍ୟବହାର ଓ ଶ୍ରଦ୍ଧା ସମ୍ମାନ ହିଁ ଆବଶ୍ୟକ" । କହିଦେବା କଥା ବହିଯିବା ପାଣି ସଙ୍ଗେ ସମାନ, ଯାହାକୁ ସମସ୍ତେ ଜାଣିଛନ୍ତି ଏବଂ କହିବାକୁ ତ ପଇସା ପଡେନା । ବିଡ଼ମ୍ବନା ଏହିକି ଯେ ଯଦି କେହି ଏମାନଙ୍କ କଥାରେ ବିଶ୍ୱାସ କରିବ ତେବେ ବୁଡ଼ି ମରିବା ସଙ୍ଗେ ସମାନ ହୋଇବ । ସେଥିପାଇଁ କୁହାଯାଏ ମଣିଷକୁ ଚିହ୍ନିବା ଏତେ ସହଜ ନୁହେଁ । ଜଣେ ବିଜ୍ଞ ବ୍ୟକ୍ତିଙ୍କ ମତରେ ଶତ୍ରୁ ଶତ୍ରୁ ହେବା ଠାରୁ ମିତ୍ର ଶତ୍ରୁ ଠାରୁ ରକ୍ଷା ପାଇବା କଠିନ ଅଟେ ।

ଆମେ ଯେତେବେଳେ ଶରୀର କଷ୍ଟରୁ ରକ୍ଷା ପାଇବା ପାଇଁ ଅନେକ ଖାଦ୍ୟକୁ ପରିହାର କରୁଛେ ଠିକ୍ ସେହିପରି ମନର କଷ୍ଟରୁ ମୁକ୍ତି ପାଇବା ନିମନ୍ତେ କେଉଁ ଖାଦ୍ୟକୁ ଗ୍ରହଣ କରିବା ନାହିଁ ତାହା କ'ଣ କେବେ ଭାବିଛେ ? ଭଲପାଇବାରେ ଯେଉଁ ଆନନ୍ଦ ପ୍ରାପ୍ତ ହୁଏ ଘୃଣା କରିବାରେ କ'ଣ ସେତିକି ଆନନ୍ଦ ମିଳେ ? ଗ୍ରହଣ କରିବାରେ ଯେଉଁ ଶାନ୍ତି ମିଳେ ଇର୍ଷା କରିବାରେ କ'ଣ ସେଇ ସୁଖ ମିଳେ? ଯଦି ଆମେ ସ୍ୱାସ୍ଥ୍ୟରକ୍ଷା ନିୟମ ଅନୁଯାୟୀ ଦିନରାତି, ତିଥି, ନିକ୍ଷତ୍ର, ବାର, ଋତୁ ଇତ୍ୟାଦି ବିଚାର କରି ଖାଦ୍ୟ ଖାଇବା ତେବେ ଆମକୁ ହେଉଥିବା ରୋଗର ପରିମାଣ କମିଯିବ ଏବଂ ଆମେ ସୁସ୍ଥ ଭାବେ ଜୀବନଯାପନ କରିପାରିବା । ଠିକ୍ ସେହିପରି ମନକୁ ନଷ୍ଟ କରୁଥିବା ଉପାଦାନ ଗୁଡିକୁ ଗ୍ରହଣ ନକରି ସୁସ୍ଥ ମାନସିକତାକୁ ଆଦରିବା ତେବେ ମନ ଓ ଶରୀର ଉଭୟେ ସୁସ୍ଥ ରହିବ ।

ଆମ ଭିତରେ ଗୋଟିଏ ଦୁର୍ବଳ ମାନସିକତା ଲୁଚି ରହିଛି ଯାହା ସତ୍ୟକୁ ସାମ୍ନା କରିପାରେନା । ଯାହାକୁ ମନୁଷ୍ୟ ଭଲ ପାଉଥାଏ ତାକୁ ହିଁ ସବୁଠାରୁ ବେଶି ଖରାପ ବ୍ୟବହାର କରିଥାଏ । ନିଜର ଉଚ୍ଚ ଆଶା ଆକାଂକ୍ଷାକୁ ତା' ଉପରେ ଚାପିଦେବା ପାଇଁ ସହସ୍ର ଅଭିମାନ କରିବସେ । ପୁଣି ତା' ଠାରୁ ମଧ୍ୟ ଭୟଙ୍କର ସାଜେ ଯେବେ ତା'ର ଶ୍ରଦ୍ଧାଟି ଭାଗ ହେବାର ସମୟ ଆସେ । କିନ୍ତୁ ପ୍ରତ୍ୟେକ ମଣିଷ ତ' କେବଳ ଆଉ ଗୋଟିଏ ମଣିଷକୁ ନେଇ ଚଳିପାରେନା। ତା'ର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସମୟ ଓ ପରିସ୍ଥିତି ଅନୁଯାୟୀ ବଦଳିଥାଏ। ଯଦିଓ ସେ ମୁଳୁଦୁଆକୁ ଭୁଲିଯିବା ଅମାନୁଷିକତା ଅଟେ । ମଣିଷ ତା'ର ଚେତନାକୁ ଦୃଢ଼ କରି ବାଟ ଚାଲିବା ଆବଶ୍ୟକ ଅଟେ । ଏଇ ଚେତନାକୁ ସାଙ୍ଗ କରି ସେ ତା'ର ନିତ୍ୟ ନୈମିତ୍ତିକ କାର୍ଯ୍ୟକୁ ସହଜ କରୁଛି । ଯେଉଁଥିପାଇଁ ଜନଗହଳିପୂର୍ଣ୍ଣ ରାସ୍ତାରେ ଗାଡି ଚଳେଇ ପାରୁଛି । ଚାଉଳକୁ ଭାତରେ ପରିଣତ କରୁଛି, ପବନରେ ଠିକଣା ଖୋଜି ପାରୁଛି ପୁଣି ଚନ୍ଦ୍ରପୃଷ୍ଠରେ ପାଦ ଥାପିବା ପାଇଁ ଯୋଜନା କରୁଛି । ତେଣୁ ମନକୁ ନିର୍ମଳ, ସକାରାତ୍ମକ ରଖିବା ଦ୍ୱାରା ନିଜ ସହିତ ସମଗ୍ର ପରିବେଶର ଉନ୍ନତି ସମ୍ଭବ ହୋଇଥାଏ । କାରଣ ଏଇ ମନ ଅସାଧ ସାଧନ କରେ ପୁଣି କେବେ ଘରକୋଣରେ ଅବ୍ୟବହାର୍ଯ୍ୟ ଜିନିଷ ପରି ପଡି ରୁହେ । ସେଥିପାଇଁ କୁହାଯାଏ "ମନର ମୂଳେ ଏ ଜଗତ" । ଯାହା ଆମେ ବିଶ୍ୱାସ କରୁ ମନର କୌଣସି ସ୍ୱରୂପ ନଥିଲେ ହେଁ ମନ ହିଁ ସମସ୍ତ କାର୍ଯ୍ୟର ମୂଳରେ ନିହିତ ଥାଏ । ତାକୁ ଉପଯୁକ୍ତ କାର୍ଯ୍ୟରେ ଲଗାଇବା ଦ୍ୱାରା ତାହାର ସ୍ଥିରତା ଆସିଥାଏ । ମଣିଷ ଯେତେବେଳେ ନିଜ ମନକୁ ନିଜେ ବୁଝିପାରେନାହିଁ ତେବେ ଆଉଜଣେ ତା' ମନକୁ ବୁଝିବ ବୋଲି ଆଶା କରି କାଳ କାଟିବା ଏକରକମ ମୁର୍ଖାମୀ ହୋଇଥାଏ । ଏମିତି ବି ତ ନୁହେଁ ଯେ ନିଜର ମନର ଭାବନାକୁ ପ୍ରକାଶ କରିଦେଲେ ସବୁ ସମାଧାନ ହୋଇଥାଏ । କିନ୍ତୁ ମନର ଚାହିଦା, ଉଦ୍ଦାମତାକୁ ଲଗାମ ଦେଲେ ତାହା ନିୟନ୍ତ୍ରଣ ହୋଇ ରୁହେ । ମାତ୍ର ତା'ଠାରୁ ମଧ୍ୟ କରଣୀୟ ଅଟେ ମନ ଭିତରେ କୌଣସି କୁତ୍ସିତ ଭାବନା ସୃଷ୍ଟି ନ ହେବା ଯାହା ସାଧାରଣ ମନୁଷ୍ୟଙ୍କ ପକ୍ଷେ ଅସମ୍ଭବ ବୋଲି କୁହାଯାଉଥିଲା ବେଳେ ମନୁଷ୍ୟ ଯେ ନିଜେ ହିଁ ଅସାଧାରଣ ତାହା ଭୁଲିବାର ବିଷୟ ନୁହେଁ ।



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

# ଧର୍ମ ଶାସ୍ତ୍ରରେ ଗୋ ମହିମା ଓ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ

ପ୍ରାଚୀନ ଭାରତୀୟ ଦାର୍ଶନିକତା ଅନୁସାରେ, ପ୍ରକୃତି କେବଳ ଏକ ଭୌତିକ ସତ୍ତା ନୁହେଁ, ବରଂ ଏହା ଜୀବନ ଓ ବ୍ରହ୍ମାଣ୍ଡର ମୂଳ ଧାରା । ପଞ୍ଚ ଭୂତ – ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ – ଏହି ପାଞ୍ଚ ତତ୍ତ୍ୱ ମାନବ ଶରୀର, ବୃହତ୍ତର ପ୍ରକୃତି ଓ ସମଗ୍ର ବ୍ରହ୍ମାଣ୍ଡର ଗଠନର ଆଧାର । ପୃଥିବୀ ଦେଉଛି ଭୂମିକ ଆଧାର, ଜଳ ଜୀବନ ଧାରଣ କରେ, ଅଗ୍ନି ଶକ୍ତି ଓ ପରିଣତିର ସୂଚକ, ବାୟୁ ହେଉଛି ଗତିର ଶ୍ୱାସ ଓ ଆକାଶ ଅଟଳ ଶୂନ୍ୟର ଚିହ୍ନ । ଯଦି ପ୍ରକୃତି ହିଁ ସମସ୍ତଙ୍କ ମୂଳ ଆଧାର, ତେବେ ମନୁଷ୍ୟ, ପଶୁ, ପକ୍ଷୀ, ଗଛ-ଗଛାଳି – ସମସ୍ତେ ପଞ୍ଚଭୂତର ଏକତା ମଧ୍ୟରୁ ଜନ୍ମିଥିବା ପ୍ରତିଫଳ । ତେବେ ଏହି ପ୍ରଶ୍ନ ଉଠୁଛି – ଆମେ କିଏ? ଏବଂ ଆମେ କାହିଁକି ଅନ୍ୟ ପ୍ରାଣୀଙ୍କୁ ଅଲଗା ଭାବେ ଦେଖୁଛୁ ? ଆଜି ଆମେ ଆଲୋଚନା କରିବା ପୃଥିବୀର ସବୁଠାରୁ ଉପକାରୀ ପ୍ରାଣୀ ଓ ସନାତନ ଧର୍ମର ପବିତ୍ର ଓ ଦେବ ପ୍ରାଣୀ ଗୋମାତାଙ୍କ ବିଷୟରେ । ଗୋ' ଶବ୍ଦର ଅନେକ ଅର୍ଥ ଅଛି । ଯଥା- ଗୋବଂଶ, ପୃଥିବୀ, ଦିଗ, ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ । ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା । ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି । ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ । ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ । ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ(କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ସାହାଯ୍ୟ କରିଥାଏ । ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ । ଗୋମାତା ଏକାଦଶ ରୁଦ୍ରଙ୍କର ମାତା, ଅଷ୍ଟବସୁଙ୍କର୍ କନ୍ୟା ଓ ଦ୍ୱାଦଶ ଆଦିତ୍ୟଙ୍କର ଭଗିନୀ, ଯିଏ ଅମୃତରୂପୀ ଦୁଗ୍ଧ ପ୍ରଦାନ କରନ୍ତି । ବେଦର ନିର୍ଦ୍ଦେଶ ଅନୁଯାୟୀ ଯଦି କେହି ଏହି ମାୟା-ରାଜ୍ୟରେ ସମସ୍ତ ପ୍ରକାର ବୈଭବ ପ୍ରାପ୍ତ କରିବାକୁ ଚାହେଁ ତେବେ ଗୋମାତାଙ୍କର ସେବା କରିବା ଆବଶ୍ୟକ ।

ସମଗ୍ର ସୃଷ୍ଟି ପଞ୍ଚମହାଭୂତକୁ ନେଇ ଗଠିତ । ଯଥା- କ୍ଷିତି(ମାଟି), ଅପ୍(ଜଳ), ତେଜ(ଅଗ୍ନି), ମରୁତ୍(ବାୟୁ), ବ୍ୟୋମ(ଆକାଶ) । ଅତ୍ୟାଧୁନିକତାର ପ୍ରଭାବରେ ଏସବୁ ଆଜି ବିଷାକ୍ତ ଓ ପ୍ରଦୂଷିତ । ଫଳତଃ ଦିନକୁ ଦିନ ମନୁଷ୍ୟ ସମେତ ସମଗ୍ର ଜୀବଜଗତ ରୋଗାକ୍ରାନ୍ତ। ଏହାର କୁପ୍ରଭାବରେ ଅନେକ ପ୍ରାଣୀ ଏ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଗଲେଣି । ମନୁଷ୍ୟର ଲୋଭ ଭୟଙ୍କର ରୂପ ଧାରଣକରିଛି ଓ କ୍ରୁର ଆଚରଣ କରିବାରେ ଲାଗିଛି । ଗୋବଂଶ ଏହି ପ୍ରଦୂଷଣକୁ ଅନେକ ମାତ୍ରାରେ ରୋକିବାରେ ସମର୍ଥ ବୋଲି ସାଧୁସନ୍ଥ ଓ ଆଧୁନିକ ବୈଜ୍ଞାନିକଗଣଙ୍କ ମତ । ଅଧିକ ଅମଳ ଲୋଭରେ ବିଚାରଶୂନ୍ୟ ହୋଇ ରାସାୟନିକ ସାର ଓ କୀଟନାଶକର ବହୁଳ ପ୍ରୟୋଗଦ୍ୱାରା ଚାଷଜମି ନଷ୍ଟ ହୋଇଛି । କଳକାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଭୂମିକୁ ପ୍ରଦୂଷିତ କରିଛି । ଗୋବର ଓ ଗୋମୂତ୍ର ଏହି ପ୍ରଦୂଷଣକୁ ରୋକିବାରେ ସମର୍ଥ । ଗୋବର ଓ ଗୋମୂତ୍ରକୁ ବ୍ୟବହାର କରି ଜମି ଉର୍ବର ହେବା ସହ ଭଲ ଫସଲ ଉତ୍ପାଦନ ହୋଇପାରିବ । ଯାହା ଧରାପୃଷ୍ଠକୁ ସବୁଜିମାରେ ପୂର୍ଣ୍ଣ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବାରେ ସହାୟକ ।

କଳକାରଖାନାରୁ ନିର୍ଗତ ବିଷାକ୍ତ ଜଳ ଓ ବର୍ଷା ସମୟରେ ଚାଷ ଜମିରୁ ରାସାୟନିକ ସାର ଓ କୀଟନାଶକ ମିଶ୍ରିତ ଜଳ ନଦୀ, ପୋଖରୀରେ ମିଶିବାଦ୍ୱାରା ଜଳ ପ୍ରଦୂଷଣ ବହୁଳ ଭାବରେ ବୃଦ୍ଧି ପାଇଛି । କୃଷି ଓ ପ୍ରଯୁକ୍ତି ବିଭାଗର ତଥ୍ୟ ଅନୁସାରେ ଗୋବରଦ୍ୱାରା ଜଳ ବିଶୋଧନ କରାଯାଇପାରୁଛି । ଗୋବର ଘଷି ଓ ଗୋବର ଗ୍ୟାସ୍ ଦ୍ୱାରା ରୋଷେଇ କରିବା ସଙ୍ଗେସଙ୍ଗେ ଦେଶୀ ଗାଈ ଘିଅରେ ଦୀପ ଜାଳିବାଦ୍ୱାରା ଅଗ୍ନି ଶୁଦ୍ଧ ହେବା ସହ ପରିବେଶ ବିଶୁଦ୍ଧ ହୋଇଥାଏ । ଗୋବର, ଗୋମୂତ୍ର ଓ ଘିଅ ଦୀପ ବାୟୁ ବିଶୋଧକ । ଶାସ୍ତ୍ର ଅନୁଯାୟୀ ଯେଉଁଠାରେ ଗୋ-ବଂଶ ଆନନ୍ଦରେ ବାସ କରନ୍ତି ଓ ଶାନ୍ତିରେ ଶ୍ୱାସ ନିଅନ୍ତି, ସେ ସ୍ଥାନର ବାୟୁ ଓ ପରିବେଶ ଶୁଦ୍ଧ ହୁଏ । ଆକାଶ ତତ୍ତ୍ୱ ଶବ୍ଦ ସହିତ ସମ୍ପର୍କିତ । ପ୍ରାଣୀଜଗତ ବିଶେଷତଃ ଗୋଜାତି ଉପରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ସେମାନଙ୍କ ଆକୁଳ କ୍ରନ୍ଦନ ପରିବେଶକୁ ଅଶାନ୍ତ କରିଛି । ତେଣୁ ଜୀବଜଗତର ସୁରକ୍ଷା ସହିତ ଗୋବଂଶଙ୍କର ବିଶେଷ ଯତ୍ନ ଆବଶ୍ୟକ । ଗୋ-ରବ ଶାନ୍ତି ଓ ଆନନ୍ଦ ବର୍ଦ୍ଧକ । ଗୋ' ଶବ୍ଦର ଅନେକ ଅର୍ଥ ଅଛି । ଯଥା- ଗୋବଂଶ, ପୃଥିବୀ, ଦିଗ, ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ । ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା । ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି । ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ । ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ । ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ (କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ମଧ୍ୟ ସାହାଯ୍ୟ କରିଥାଏ । ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ ।

ବିଭିନ୍ନ ପୁରାଣରେ ଗୋମାତା ବିଷୟରେ ବିଭିନ୍ନ ତତ୍ତ୍ୱ କଥା ଲେଖା ହୋଇଛି ଜାଲ କ୍ଷ ତନ୍ମଧ୍ୟରୁ ସ୍କନ୍ଦ ପୁରାଣ ଅନୁସାରେ, ଗୋଭିର୍ବିପ୍ରୈଶ୍ଚ ବେଦୈଶ୍ଚ ସତୀଭିଃ ସତ୍ୟବାଦିଭିଃ । ଅଲୁବ୍ଧୈର୍ଦାନଶୀଳୈଶ୍ଚ ସପ୍ତଧିର୍ଧାର୍ଯ୍ୟତେ ମହୀ ।। ଅର୍ଥାତ୍ ଗୋ, ବିପ୍ର, ବେଦ, ସତୀ, ସତ୍ୟବାଦୀ, ନିର୍ଲୋଭୀ ଓ ଦାନୀ ଏହି ସାତ ମହାଶକ୍ତି ଉପରେ ପୃଥିବୀ ତିଷ୍ଠି ରହିଛି । ଏ ସମସ୍ତଙ୍କ ମଧ୍ୟରେ ଗୋବଂଶଙ୍କର ଭୂମିକା ସର୍ବାଗ୍ରେ । ପଦ୍ମ ପୁରାଣ ଅନୁସାରେ ଗୋମାତାଙ୍କ ମୁଖରେ ଷଡଙ୍ଗ ଓ ପଦକ୍ରମ ସହିତ ଚାରି ବେଦ ରହିଥାନ୍ତି । ଶିଙ୍ଗର ଅଗ୍ରଭାଗରେ ଇନ୍ଦ୍ର ଓ ଦୁଇ ଶିଙ୍ଗରେ ଭଗବାନ୍ ଶଙ୍କର ଓ କେଶବ ରହନ୍ତି । ଉଦରରେ ସ୍କନ୍ଧ, ମୁଣ୍ଡରେ ବ୍ରହ୍ମା, ଲଲାଟରେ ବୃଷଭଧ୍ୱଜ, ଦୁଇ କାନରେ ଅଶ୍ୱିନୀ କୁମାର, ଦୁଇ ନେତ୍ରରେ ଚନ୍ଦ୍ରମା ଓ ସୂର୍ଯ୍ୟ, ଦାନ୍ତରେ ଗରୁଡ, ଜିଭରେ ସରସ୍ୱତୀ, ଅପାନରେ ସମସ୍ତ ତୀର୍ଥ, ଗୋ-ମୂତ୍ରରେ ଜାହ୍ନବୀ ଗଙ୍ଗା, ଲୋମକୂପ ସମୂହରେ ଋଷୀଗଣ, ମୁଖରେ ଉପର ଆଡକୁ ଯମ, ଡାହାଣ ପାର୍ଶ୍ୱକୁ କୁବେର ତଥା ଗରୁଡ, ବାମ ପଟକୁ ତେଜସ୍ୱୀ ଯକ୍ଷଗଣ, ମୁଖ ମଧ୍ୟରେ ଗନ୍ଧର୍ବ, ନାସିକାରେ ନାଗ, ଚାରି ଖୁରାର ପଶ୍ଚାତ୍ ଭାଗରେ ଅପସରାଗଣ, ଗୋବରରେ ଲକ୍ଷ୍ମୀ, ଗୋମୂତ୍ରରେ ସର୍ବମଙ୍ଗଳା ଦେବୀ, ପାଦର ଅନ୍ୟ ଭାଗରେ ସିଦ୍ଧାଦି ଖେଚର, ହମ୍ବା ରଡିରେ ପ୍ରଜାପତି ଓ ଚାରି ପହ୍ନାରେ ଚାରି ସମୁଦ୍ର ରହିଥାନ୍ତି । ଯେ ପ୍ରତିଦିନ ଗାଈକୁ ସ୍ପର୍ଶ କରନ୍ତି, ସେ ଏହି ସମୁଦ୍ରରେ ସ୍ନାନ କରିନିଅନ୍ତି । ତେଣୁ ମନୁଷ୍ୟ ନିଜର ପୁଷ୍ଟି ସାଧନ ପାଇଁ ଗୋମାତାଙ୍କୁ ସ୍ପର୍ଶ କରିବା ଉଚିତ୍ । ଏତଦ୍ୱାରା ସେ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି । ତେଣୁ ମନୁଷ୍ୟ ନିଜର ପୁଷ୍ଟି ସାଧନ ପାଇଁ ଗୋମାତାଙ୍କୁ ସ୍ପର୍ଶ କରିବା ଉଚିତ୍ । ଏତଦ୍ୱାରା ସେ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି । ଗୋମାତାଙ୍କ ଖୁରାଦ୍ୱାରା ଉଡୁଥିବା ଧୂଳିକୁ ମସ୍ତକରେ ଧାରଣ କରୁଥିବା ମନୁଷ୍ୟ ମଧ୍ୟ ସମସ୍ତ ତୀର୍ଥର ଜଳରେ ସ୍ନାନ କରିବା ସଙ୍ଗେ ସମାନ ଓ ସେ ସମସ୍ତ ପାପରୁ ମୁକ୍ତହୁଏ । ଗୋମାତାଙ୍କ ଖୁରାଦ୍ୱାରା ଉଡୁଥିବା ଧୂଳିକୁ ମସ୍ତକରେ ଧାରଣ କରୁଥିବା ମନୁଷ୍ୟ ମଧ୍ୟ ସମସ୍ତ ତୀର୍ଥର ଜଳରେ ସ୍ନାନ କରିବା ସଙ୍ଗେ ସମାନ ଓ ସେ ସମସ୍ତ ପାପରୁ ମୁକ୍ତହୁଏ । ପଣ୍ଡିତ ଗୋପବନ୍ଧୁ ଦାସ ୧୯୨୨ ମସିହାରେ ବନ୍ଦୀ ଜୀବନ କାଟୁଥିବା ସମୟରେ 'ଗୋ ମାହାତ୍ମ୍ୟ' ନାମରେ ଏକ କାବ୍ୟ ଗ୍ରନ୍ଥ ରଚନା କରିଥିଲେ । ଦେଶରେ ଗୋଜାତିର ଶୋଚନୀୟ ଅବସ୍ଥା ଦେଖି ତାଙ୍କ ପ୍ରାଣ କାନ୍ଦି ଉଠିଥିଲା । ଗୋସେବା ହିଁ ପରମ ଧର୍ମ । ଗୋଜାତିର ଦୁର୍ଗତିରେ ଦେଶର ଦୁର୍ଗତି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବାପାଙ୍କ ହମ୍ବର୍ ସାଇକେଲ



ସନ୍ତୋଷ ମିଶ୍ର



ବାପା କଲିକତାରୁ ଗୋଟେ ହମ୍ବର୍ ସାଇକେଲ ଆଣିଥିଲେ। ରଙ୍ଗ କଳା। ସିଟ୍‌ଟା ଏତେ ଉଚ୍ଚା ଥିଲା ଯେ ବାପା ସାଇକେଲ ଚଲାଉଥିଲା ବେଳେ ଲାଗୁଥିଲା ଯେମିତି ସେ ପବନରେ ପହଁରୁଛନ୍ତି। ସାହି ପଡିଶା ଲୋକେ ଆଚମ୍ବିତ ହେଉଥିଲେ। ବାପାଙ୍କ ଦୁଇଚକ ବିଶିଷ୍ଟ ଯାନଟି ଦେଖି ବେଶ୍ ପ୍ରଲୁବ୍ଧ ହେଉଥିଲା ଅଭିଜିତ। କଳ୍ପନା କରୁଥିଲା- କେବେ ଥରେ ସେ ବାପାଙ୍କ ଯାନରେ ଉଡ଼ିଉଡ଼ି ଯାଆନ୍ତା ! ସ୍କୁଲରେ ସମସ୍ତେ ତାକୁ ଦେଖି ତାଜୁବ ହୋଇ କହନ୍ତେ - ଉଡନ୍ତା ଯାନରେ ଅଭିଜିତ ! ବାଃ।

ଅଭିଜିତ ଦେଖିଲା - ବାପା ସାଇକେଲରେ ହାଟରୁ ମନ୍ଥର ବେଗରେ ଫେରୁଚନ୍ତି। ହାଣ୍ଡେଲରେ ୪/୫ ଟା ବ୍ୟାଗ। ମାଛ, ପନିପରିବା ଭର୍ତ୍ତି। ଷ୍ଟାଣ୍ଡକରି ବାପା ବ୍ୟାଗ ଗୁଡ଼ିକ କାଢ଼ିଲେ।

ସନ୍ଧ୍ୟାରେ ତାୱାରେ ମାଆ ମାଛ ଭାଜୁଥିଲା ବେଳେ ଚୁଲି ମୁଣ୍ଡରେ ବସିଥାନ୍ତି ବାପା। କହିଲେ - ସତରେ କଲିକତା ଯିଏ ନଦେଖିଚି ସିଏ ମାଆ ପେଟରୁ ବାହାରି ନାହିଁ ବୋଲ। ସେଠି ତ ରାତି ନାହିଁ। ସବୁବେଳେ ଦିନ। ସୂର୍ଯ୍ୟ ସେଠି ଅସ୍ତମିତ ହୁଅନ୍ତି ନାହିଁ। ରାସ୍ତାରେ ଲକ୍ଷ ଲକ୍ଷ ଲୋକ। ହଳଦିଆ ଟ୍ୟାକ୍ସି, ଟ୍ରାମ, ଘୋଡାଗାଡି, କାର୍, ଦୁଇ ମହଲା ବିଶିଷ୍ଟ ବସ୍, ମେଟ୍ରୋ ଟ୍ରେନ୍ ସବୁ କିଛି ଦୃଶ୍ୟମାନ। ଦ୍ୱିପ୍ରହର ବେଳେ ହୋଟେଲକୁ ଖାଇବାକୁ ଗଲି। ହଜାର ହଜାର ଲୋକ। ଯେମିତି ବାହାଘରିଆ ଭୋଜିଭାତ ଚାଲିଛି । ଯିବା ଆସିବା ଲାଗିଚି । ଖାଇବା ପାଇଁ ବରାଦ କରିଥିଲି ଭାତ, ଡାଲି, ମାଛ ମୁଣ୍ଡ, ଖଟା। ମଣିଷ ମୁଣ୍ଡ ଆକାରର ମୁଣ୍ଡ। ଆତ୍ମା ତୃପ୍ତି ହୋଇଗଲା। ସନ୍ଧ୍ୟାବେଳେ ମଣ୍ଡା ପିଠା ସଦୃଶ ମିଠା, ସିଙ୍ଗଡ଼ା, ଆଲୁଚପ୍। ଶୂନ୍ୟରେ ନିର୍ମିତ ହାଓ୍ୱଡାବ୍ରିଜ୍। ଇଞ୍ଜିନ୍ ଚାଳିତ ନୌକାଭ୍ରମଣ। ବେଶ୍ ଉପଭୋଗ୍ୟ !!! ପରଦିନ ସାଇକେଲ କିଣିବାକୁ ଯାଇ ଦୋକାନ ମାଲିକକୁ କହିଲି - ଦାଦା, ତମ ଦୋକନରେ ସର୍ବମୋଟ କେତୋଟି ସାଇକେଲ ଅଛି।

: ହଁ, ଏମିତି ଲକ୍ଷେରୁ ଅଧିକ। କାହିଁକି କଣ ହେଲା କି।

: ମୋର ଗୋଟେ ସାଇକେଲ ଦରକାର ଥିଲା। ଆଛା, ସବୁଠୁ ଭଲ ଏବଂ ଦାମିକା ସାଇକେଲ କୋଉଟା।

: ନିଃସନ୍ଦେହରେ ହମ୍ବର୍ ସାଇକେଲ। ରୂପ ଯେମିତି, ଗୁଣ ସେମିତି। କାମ ଯେମିତି ଦାମ ସେମିତି।

କିଛି ସମୟ ପରେ ଦାଦା ଗୋଟିଏ ହମ୍ବର୍ ସାଇକେଲ ଆଣି ମୋ ସାମ୍ନାରେ ଥୋଇଲେ। ଦାଦା ହସି ହସି କହିଲେ - ଯାକୁ ଟିକେ ସଜେଇବାକୁ ପଡ଼ିବ। ମୁଁ କହିଲି - ଯେମିତି ଖୁବ୍ ସୁନ୍ଦର ଦେଖାଯିବ, ସେମିତି ସଜାଡ଼।

ସଜେଇ ସାରିବା ପରେ ସାଇକେଲଟି ଦେଖାଯାଉଥିଲା ଗୋଟେ ନବବଧୂ ଭଳି। ପେଡାଲ୍, ସିଟ୍ କଭର ସବୁଜ ରଙ୍ଗ। ଫୁଲ ସବୁ ନାଲି ରଙ୍ଗ । ପୁଣି ଅନ୍ଧାରରେ ଆଲୋକ ପାଇଁ ଡାୟନମା । ବାଃ ଚମତ୍କାର !!

ତାପରେ ସିଧା କଲିକତାରୁ ଘର। ଲାଗୁଥିଲା ଯେମିତି ବ୍ୟମଜାନରେ ଉଡ଼ି ଉଡ଼ି ଆସୁଚି।

ମାଛଭଜା ସରିବା ପରେ ମା' ଗୋଟିଏ କଂସା ବେଲାରେ ପଖାଳ ଆଉ କଂସା ଥାଳିରେ ମାଛଭଜା ପରସି ଦେଲା।

ଖାଇସାରି ବାପା ମଝିବାହାର ବାରଣ୍ଡାରେ ଦଉଡ଼ିଆ ଖଟ ଉପରେ ବସିଲେ। ମାଆ ଖାଇ ସାରିବା ପରେ ବାପା ଉଭୟଙ୍କର ବିଛଣା ପାରିଦେଲେ। ମାଆର ବିଛଣା ପାରିବା ବାପାଙ୍କ ନିତି ଦିନିଆ କାମ। ଭାବନ୍ତି, ବିଚାରି ଦିନସାରା ଘରକାମ କରୁଛି । କଷ୍ଟ ଲାଗୁଥିବ। ଟିକିଏ ସାହାଯ୍ୟ କରିଦେଲେ ତା ମନଟା ତ ଖୁସି ହେବ !!

ଅଭିଜିତ ବାପା ମା'ଙ୍କ ଝଗଡ଼ା କେବେହେଲେ ଦେଖି ନାହିଁ। କେବଳ ଅନୁଭବ କରିଛି ସେମାନଙ୍କ ଭିତରେ ଭଲ ପାଇବାର ଗଭୀରତା। ବାପା ଯେତେବେଳେ ହମ୍ବର୍ ସାଇକେଲ ବିଷୟରେ କହନ୍ତି ମାଆ ଧ୍ୟାନ ଦେଇ ଶୁଣେ। ବାପା ଉତ୍‌ଫୁଲ୍ଲିତ ହୁଅନ୍ତି। ବାପା ଯେବେ ମା'କୁ ଗାଳି ଦିଅନ୍ତି ମା' ଚୁପ୍ ରହେ। କିଛି ସମୟ ପରେ ବାପା ଥଣ୍ଡା ହୋଇଗଲେ ମା' ରାଗେ, ଅଭିମାନ କରେ। ବାପା ହସନ୍ତି। ମା'କୁ ମନେଇବାକୁ ଉଦ୍ୟମ କରନ୍ତି। ମା' ବି ମୁହୂର୍ତ୍ତକେ ବରଫ ଭଳି ତରଳି ଯାଏ।

ବାପା ସବୁବେଳେ ବିଲ ବାଡି କାମରେ ବ୍ୟସ୍ତ ରହନ୍ତି। ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଜିତ ପ୍ରଥମେ ଗୋଡ଼ଗଳା, ତାପରେ ସିଟ୍‌ରେ ବସି ସାଇକେଲ ଚଲାଇବା ଶିଖିଗଲା। ବଡ଼ଭାଇ ସୁରଜିତ ଉଭୟ ସାଇକେଲ, ସ୍କୁଟର ଚଳାଇ ପାରନ୍ତି। ଅଭିଜିତ ଭାବୁଥିଲା ଏଥର ବଡ଼ଭାଇ ଆସିଲେ ସ୍କୁଟର ଚଳାଇବା ଶିଖିଯିବ।

ଗ୍ରୀଷ୍ମ ଛୁଟିରେ ବଡ଼ ଭାଇ ସ୍କୁଟର ନେଇ ଘରକୁ ଆସିଲେ। ଗାଁରେ ସେତେବେଳେ କେବଳ ବୁଲୁ ଭାଇଙ୍କର ସ୍କୁଟର ଚଳାଇବାର ଅଭିଜ୍ଞତା ଥିଲା। ଅଭିଜିତର ଅନୁରୋଧ କ୍ରମେ ବୁଲୁ ଭାଇ ତାକୁ ସ୍କୁଟରଚଳା ଶିଖେଇବା ପାଇଁ ରାଜି ହେଲେ। ଅଭିଜିତ ଘରର ଦୁଇଟି ଘର ଛାଡ଼ି ବୁଲୁ ଭାଇଙ୍କ ଘର।

ସେଦିନ ଗାଁରେ ଥିବା ମାମୁଁ ଘରକୁ ସୁରଜିତ ବୁଲିବାକୁ ଯାଇଥିଲା। ଏଇଟା ସୁବର୍ଣ୍ଣ ସୁଯୋଗ ଭାବି ଅଭିଜିତ ବୁଲୁ ଭାଇଙ୍କୁ ଡାକି ଆଣିଲା। ସ୍କୁଟରେ ଚଳେଇବା ପାଇଁ ଅଭିଜିତ ଫୁଲ୍ ପ୍ୟାଣ୍ଟ, ସାର୍ଟ ଇନ୍ କରି ପିନ୍ଧିଥିଲା। ବୁଲୁ ଭାଇ ପ୍ରଥମେ ସ୍କୁଟର ଷ୍ଟାର୍ଟ କରିବା ତଥା ଗିଅର୍ ଚେଞ୍ଜ ସମ୍ପର୍କରେ ଭଲ ଭାବେ ବୁଝେଇ ଦେଲେ। ତାପରେ ଅଭିଜିତ ସ୍କୁଟର ସିଟ୍‌ରେ ବସି ଷ୍ଟାର୍ଟ କଲା। ଗିଅର ଚେଞ୍ଜ କରି କ୍ଲଚ୍ ନଛାଡ଼ି ଏକ୍ସିଲେଟର ଜୋର୍‌ରେ ମୋଡ଼ି ଦେବାରୁ ସ୍କୁଟରଟି ଭୟଙ୍କର ଗର୍ଜନ ଛାଡ଼ିଲା। ଠିକ୍ ସେହି ସମୟରେ କୁଆଡେ ଥିଲେ ଦୌଡ଼ି ଦୌଡ଼ି ଆସିଲା ବଡ଼ଭାଇ ସୁରଜିତ। ଅଭିଜିତର ତଣ୍ଟିକୁ ଧରି ରୁକ୍ଷ କଣ୍ଠରେ କହିଲା - ଶଳା ! ମୋ ସ୍କୁଟର ଛୁଇଁବାକୁ ତୋତେ କିଏ କହିଲା ବେ। ଭାଙ୍ଗିବା ମତଲବରେ ଅଛୁନା କଣ। ଭାଗ୍ ଶଳା। ଆଉ ଦିନେ ମୋ ସ୍କୁଟର ଛୁଇଁବୁନି। ନହେଲେ ହାଣି ପକାଇବି। କାନ୍ଦିକାନ୍ଦି ଅଭିଜିତ ସେହି ସମୟରେ ମନେମନେ ପ୍ରତିଜ୍ଞା କଲା - ନିଜେ ଦୁଇ ଚକିଆ ଗାଡ଼ି କିଣିଲା ପରେ ହିଁ ଡ୍ରାଇଭିଂ ଶିଖିବି। ଅନ୍ୟଥା ନୁହେଁ।

କିଛିବର୍ଷ ପରେ ଏମ୍.ଏ. ପାସ୍ କରି ଅଭିଜିତ ସରକାରୀ ଚାକିରୀରେ ନିଯୁକ୍ତି ପାଇଲା। ସଞ୍ଚିତ ଅର୍ଥରେ ଗୋଟିଏ ମୋଟର ସାଇକେଲ କିଣି ଚଳାଇବା ମଧ୍ୟ ଶିଖିଗଲା। ତଥାପି ବାପାଙ୍କ ହମ୍ବର୍ ସାଇକେଲ ପ୍ରତି ତାର ଅହେତୁକ ଆକର୍ଷଣ ଥିଲା। କେବଳ ଦୂର ସ୍ଥାନକୁ ସେ ମୋଟର ସାଇକେଲରେ ଯାଉଥିଲା। ଅନ୍ୟ ସବୁଠିକୁ ସାଇକେଲରେ। ପ୍ରତି ରବିବାରରେ ସାଇକେଲ ସର୍ଫମିଶା ପାଣିରେ ଭଲଭାବେ ଧୋଇ, ଶୁଖିଲା ସଫା କନାରେ ପୋଛେ। ତାପରେ ନଡ଼ିଆ ତେଲ ମାରି ଘସିଲେ ଚକ୍ ଚକ୍ ଦେଖାଯାଏ। ଲାଗେ ଯେମିତି ନୂଆ ସାଇକେଲ। ବାପା ଖୁସି ହୁଅନ୍ତି। ବିଶ୍ୱକର୍ମା ପୂଜା ଦିନ ବାପା ମୋଟର ସାଇକେଲ ସହିତ ହମ୍ବର ସାଇକେଲ ବି ପୂଜା କରନ୍ତି !!

ଦିନେ ଅଚାନକ ଘରେ ପହଞ୍ଚିଲା ସୁରଜିତ। ବାପାଙ୍କୁ କହିଲା - ବାପା, ଗଞ୍ଜାମ ବ୍ରହ୍ମପୁର ଠାରେ ମୋର ଟ୍ରେନିଂ ପଡ଼ିଛି। ଯିବାଆସିବା ପାଇଁ ଗୋଟେ ସାଇକେଲ ଦରକାର। ମୁଁ ମୋ ସ୍କୁଟର ନେବାପାଇଁ ଭାବୁଥିଲି। ହେଲେ ଏତେ ଦୂର ବାଟ... ମୟୂରଭଞ୍ଜରୁ ବ୍ରହ୍ମପୁର ପ୍ରାୟ ୪୦୦ କିମି। ସ୍କୁଟରରେ ଯିବାକୁ ସାହସ ପାଉନାହିଁ। ସାଇକେଲ ବସ୍ ଉପରେ ଲଦି ନେଇଯାଇପାରିବି। ଟ୍ରେନିଂ ସରିଲେ ପୁଣି ନେଇ ଆସିବି। ବାପା କହିଲେ - ହଁ ଯେ,ଏଇଟା କଲିକତାର ହମ୍ବର ସାଇକେଲ। ମୋର ଅତି ପ୍ରିୟ... ପୁଅ ଭଳି। ସୁରଜିତ କହିଲା - ତୁମେ ବ୍ୟସ୍ତ ହୁଅନି। ମୁଁ ଖୁବ୍ ଯତ୍ନ ସହକାରେ ରଖିବି। ସାଇକେଲ ଫେରାଇଲା ବେଳକୁ ଦେଖିବ କେମିତି ନୂଆ ସାଇକେଲ ଭଳି ଚକ୍ ଚକ୍ କରୁଥିବ। ବାପା ଜାଣନ୍ତି ସୁରଜିତ ବହୁତ ଲୋଭୀ, ଜିଦ୍‌ଖୋର୍ ଆଉ ସ୍ୱାର୍ଥପର। ନିଜ ସ୍ୱାର୍ଥ ପୁରଣ ପାଇଁ ସେ କିଛି ବି କରିପାରେ। ଯୋଉ ଜିନିଷ ପ୍ରତି ତାର ଲୋଭ ଉତ୍ପନ୍ନ ହୁଏ, ତାହା ଯେମିତି ହେଲେ ହାସଲ କରେ। ବାପା ବୁଝି ପାରିଲେ ସୁରଜିତର ପାପ ଦୃଷ୍ଟି ତାଙ୍କର ପ୍ରିୟ ହମ୍ବର୍ ସାଇକେଲ ଉପରେ ପଡ଼ି ସାରିଲାଣି। ଅତଏବ ନୀରବତାକୁ ହିଁ ସେ ଶ୍ରେୟ ମଣିଲେ।

ଟ୍ରେନିଂ ପରେ ସୁରଜିତ ଘରକୁ ଆସି ବାପାଙ୍କୁ କହିଲା - ବାପା !! ବସ୍‌ରେ ସାଇକେଲ ଆଣୁଥିବା ସମୟରେ କୋଉଠି କେଜାଣି ଖସି ପଡ଼ିଲା। ବାପା ସୁରଜିତର ପ୍ରକୃତି ଭଲ ଭାବେ ଜାଣନ୍ତି। ସେ ବୁଝି ପାରିଲେ ସୁରଜିତ ସାଇକେଲଟିକୁ ବ୍ରହ୍ମପୁରରେ ବିକ୍ରିକରି ଏଠାରେ ହଜିବାର ବାହାନା କରୁଛି। ତେଣୁ ସେ କିଛି କହିଲେ ନାହିଁ। କେବଳ ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଲା !!!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦



## ପାଇଛୁ... ପଢ଼ିଛୁ...

### ଚିହ୍ନା ଚିହ୍ନା ଜହ୍ନରାତି




ପ୍ରକାଶ ପାଇଛି ଗାଳ୍ପିକା ସୁଚିତ୍ରା ମିଶ୍ରଙ୍କ ୩ୟ ଗଳ୍ପ ସଂକଳନ 'ଚିହ୍ନା ଚିହ୍ନା ଜହ୍ନରାତି'। ସୁଚିତ୍ରା ଗଳ୍ପରେ ଏପରି ଏକ ମାୟାଜାଲ ସୃଷ୍ଟି କରି ପାରନ୍ତି ଯାହା ପାଠ କଲେ ପାଠକ ସେଥିରୁ ମୁକୁଳି ପାରିନଥାଏ। ତାଙ୍କର କ୍ଷୁଦ୍ରଗଳ୍ପ ସବୁ ବିଭିନ୍ନ ପତ୍ର/ପତ୍ରିକାରେ ସ୍ଥାନ ପାଇ ଉଚ୍ଚ ପ୍ରଶଂସିତ ହୋଇଛି। ସୁଚିତ୍ରାଙ୍କ ଗପ ପଢିଲେ ଲାଗେ ସେ କୌଣସି ଭିନ୍ନ ଦୁନିଆର କଥା କହୁନାହାନ୍ତି ବରଂ ଆମ ଭିତରେ ଘଟୁଥିବା ପ୍ରତିଟି ଘଟଣାକୁ ନିବିଡଭାବେ ଅନୁଧ୍ୟାନ କରି ତାକୁ ନେଇ ଗପ କହୁଛନ୍ତି ଯାହା ପାଠକଙ୍କ ମନକୁ ଛୁଇଁପାରେ। ଏହି ଗଳ୍ପ ସଂକଳନରେ ରହିଛି ମୋଟ ୪୪ଟି ଗଳ୍ପ। ଗଳ୍ପ ସବୁର କାହାଣୀ ଚୟନଠୁ ତାର ସଂପ୍ରସାରଣ ସବୁ ଖୁବ ସାବଲୀଳ ଢଙ୍ଗରେ କରିଛନ୍ତି ସୁଚିତ୍ରା। ତାଙ୍କର ପ୍ରତିଟି ଗଳ୍ପରେ ଭରି ରହିଛି ଜୀବନର ସକାରତ୍ମକତା। ଜନ୍ମରୁ କୌଣସି ମଣିଷ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଜନ୍ମ ହୋଇନଥାଏ। ସମୟ ଆଗକୁ ବଢିବା ସହ ପ୍ରକୃତି ଓ ପରିବେଶ ତା ପାଇଁ ତା ଲକ୍ଷ୍ୟ ସ୍ଥିର କରିଦେଇଥାଏ। ସେ ସେହି ଦିଗରେ ଆଗେଇଯାଏ। ପଛରେ ଛାଡିଯାଏ ଛୋଟ ଛୋଟ ସ୍ମୃତି। ସେହି ସ୍ମୃତିକୁ ନେଇ ଲେଖକଟିଏ ଗଳ୍ପ, ଉପନ୍ୟାସ, କବିତା ଲେଖିଥାଏ। ସୁଚିତ୍ରା ମଧ୍ୟ ସ୍ମୃତିରେ ବିଭୋର ହୋଇ ଲେଖିଛନ୍ତି ଅନେକ ଗପ। ସୁଚିତ୍ରାଙ୍କ ରହିଛି ଏକ ସମ୍ବେଦନଶୀଳ ହୃଦୟ। ସେ ଅନ୍ୟମାନଙ୍କ ଦୁଃଖକୁ ଅନୁଭବ କରିପାରନ୍ତି। ମାତ୍ର ସାନ୍ତ୍ୱନା ଦେବା ପାଇଁ ତାଙ୍କ ପାଖରେ ଥାଏ କେବଳ କାଗଜ କଲମ। ବିଭିନ୍ନ ଚରିତ୍ର ସୃଷ୍ଟି କରି ତା ମାଧ୍ୟମରେ ସେ ନିଜ ମନ କଥା କହିଥାନ୍ତି। ବିଶେଷକରି ଲକ୍ଷ୍ୟ କରିବା କଥା ଯେ ସେ ଆଦୌ କ୍ଲିଷ୍ଟ ଶବ୍ଦ କିମ୍ବା ବାକ୍ୟ ବ୍ୟବହାର କରିନଥାନ୍ତି। ସମସ୍ତଙ୍କ ବୁଝିବା ପରି ଭାଷା ବ୍ୟବହାର କରି ସେ ସମସ୍ତଙ୍କର ପ୍ରିୟ ଲେଖିକା ପାଲଟିଯାଇଛନ୍ତି। ଏହି ପୁସ୍ତକରେ ସ୍ଥାନ ପାଇଥିବା ଗଳ୍ପଗୁଡ଼ିକ ମଧ୍ୟରେ ଦେବୀ, ଲୁହ, ଛତା, ଭୋକ, ମିଠା ସ୍ୱର, ବୋହୂ, ଆଞ୍ଜୁଳାଏ ସ୍ମୃତି, ଶେଷ ସଂଳାପ, ଅତିଥି, ଦୃଷ୍ଟି, ଚିହ୍ନା ଚିହ୍ନା ଜହ୍ନରାତି, ଢେଉ ପ୍ରମୁଖ ପାଠକଙ୍କୁ ଆକର୍ଷିତ କଲାପରି ଗଳ୍ପ। ସଂକଳନଟି ସମସ୍ତଙ୍କ ମନକୁ ଛୁଇଁବ ଏହା ଆଶା କରାଯାଏ। ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶିତ ୧୩୬ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ମାତ୍ର ୧୭୦ଟଙ୍କା।

### ସୁସ୍ଥାଞ୍ଜଳି




ପ୍ରକାଶ ପାଇଛି ଡାକ୍ତର ଚତୁର୍ଭୁଜ ଭୂୟାଁଙ୍କ ସ୍ୱାସ୍ଥ୍ୟ ଭିତ୍ତିକ ପୁସ୍ତକ ସୁସ୍ଥାଞ୍ଜଳି। ମଣିଷ ସୁସ୍ଥ ରହିବା ପାଇଁ ଅନେକ ଉପାୟ ଅବଲମ୍ବନ କରେ ମାତ୍ର ଏହାର କାରଣ ଜାଣି ନିରାକରଣ କରିବା ଉଚିତ। ଯଦି ପେଟ କାଟିଲା, ମୁଣ୍ଡ ବଥାଇଲା, ଗ୍ୟାସ ହେଲା, ଥଣ୍ଡା ଶର୍ଦ୍ଦି ହେଲା ତେବେ ଏସବୁ ହେବାଯାଏ ଅପେକ୍ଷା ନ କରି ଆମେ ଏସବୁକୁ କିପରି ନହେବ ସେହି ଚେଷ୍ଟା କରିବା ଉଚିତ। ଏହା ପରେ ବି ଯଦି ଆମେ ଏସବୁ ଦ୍ୱାରା ପୀଡିତ ହେଉ ତେବେ ଉପଯୁକ୍ତ ଚିକିତ୍ସା କରାଇନେବା ଉଚିତ। ଆହୁରି ମଧ୍ୟ ଡାକ୍ତର ଭୂୟାଁ ଆୟୁର୍ବେଦିକ ଉପାୟରେ ଛୋଟ ଛୋଟ ରୋଗର ଉପଶମ ପାଇଁ ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ବତାଇଦେଛନ୍ତି। ସୁସ୍ଥ ରହିଲେ ଜୀବନ ଶାନ୍ତିରେ ବିତିବ। ତେଣୁ ଉଠିଲା ଖଟରୁ ଶୋଇଲା ଯାଏ ଆମେ କିପରି ନିଜ ଶରୀରର ଯତ୍ନ ନେବା ଏବଂ ଜୀବନକୁ ମହତ୍ତ୍ୱପୂର୍ଣ୍ଣ କରିପାରିବା ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଡାକ୍ତର ଭୂୟାଁଙ୍କ ଭାଷାରେ-'ସମସ୍ତ ମଣିଷ ସମାଜ ରୋଗର କାରଣ, ରୋଗ ଜାଣିବା ଜ୍ଞାନ ଏବଂ ପ୍ରାକୃତିକ, ପ୍ରାଥମିକ ଚିକିତ୍ସା ତଥା ସ୍ୱାସ୍ଥ୍ୟ ବିଷୟରେ ସଚେତନ ହୋଇ ସ୍ୱାସ୍ଥ୍ୟ ସାଧନ ପାଇଁ ନିତ୍ୟ ନୈମିତ୍ତିକ ଉପାୟମାନ ଅବଲମ୍ବନ ଯଦି କରିପାରନ୍ତେ, ତେବେ ଅସଂଖ୍ୟ ରୋଗୀମାନଙ୍କର ରୋଗନାଶ ପାଇଁ ଚିକିତ୍ସା ଚିନ୍ତା ଆବଶ୍ୟକ ପଡନ୍ତା ନାହିଁ।' ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ରୋଗ ସବୁର କାରଣ ଏବଂ ନିରାକାରଣ ଖୁବ୍ ସୁନ୍ଦର ଭାବେ ସୂଚିପତ୍ରରେ ସଜଡ଼ାଯାଇ ଲେଖାଯାଇଛି। ଯଦି ଜଣକୁ କୌଣସି ରୋଗ ବିଷୟରେ ଅନୁସନ୍ଧାନ କରିବାକୁ ହୁଏ ତାକୁ ଆଦୌ ସମୟ ନଷ୍ଟ ନ କରି ହଠାତ ମିଳିଯିବା ପାଇଁ ଧ୍ୟାନ ଦେଇଛନ୍ତି ଡାକ୍ତର ଭୂୟାଁ। ଯଥା-ସ୍ୱାସ୍ଥ୍ୟ ପ୍ରୟୋଜନ, ଶରୀର ଦୋଷ(ବାତ, ପିତ୍ତ, କଫ), ଶରୀର ଧାତୁ (ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା, ଶୁକ୍ର), ଓଜ ଧାତୁ, ଶରୀର ମଳ, ଆତ୍ମା, ମନ, ଇନ୍ଦ୍ରିୟ...ପ୍ରଭୃତି ଏବଂ ଆହୁରି ଅନେକ। ପ୍ରତ୍ୟେକ ମଣିଷ ପାଇଁ ପୁସ୍ତକଟି ଅତ୍ୟନ୍ତ ଉପାଦେୟ। ଲକ୍ଷ୍ମୀ ପ୍ରକାଶନ୍ସ ଦ୍ୱାରା ପ୍ରକାଶିତ ୨୫୦ ପୃଷ୍ଠାର ଏହି ବହିର ମୂଲ୍ୟ ରହିଛି ମାତ୍ର ୨୫୦ ଟଙ୍କା।

# ଯାଦୁକର

ଶରତ ଦାଶ

ଏ ମନ ମରୁରେ କିଏ ଫୁଟାଇଲା
ଆଶାର କୋମଳ ଗୋଲାପ କଳି
ବିଦଗ୍ଧ ପ୍ରାଣରେ କିଏ ଦେଲା ସିଞ୍ଚି
ଶୀତଳ ସଲିଳ ଭରି ଅଞ୍ଜଳି ।।
ଘନ ଅନ୍ଧକାରେ କିଏସେ ଜାଳିଲା
ଉଜ୍ଜ୍ୱଳ ପ୍ରଦୀପ ଦେଖାଇ ରାହା
କୋଳାଇଲା ଦେଇ ଚିବୁକରେ ଚୋକ
କହିଲା ଅଛି ମୁଁ ହୋଇବି ସାହା ।।
କା ତନୁ ସୁବାସ ଭରିଲା ଉଲ୍ଲାସ
ସୌନ୍ଦର୍ଯ୍ୟରେ ମୋହି ତିନି ଭୁବନ
କିଏ ଯାଦୁକର ଇନ୍ଦ୍ରଧନୁ ରଙ୍ଗେ
ରଙ୍ଗାଇଲା ମନ କୋଣାନୁକୋଣ ।।
କିଏ ଦେଲା ଏହି ମାନବ ଶରୀର
ନିଃଶ୍ୱାସରେ ଦେଲା ବିଶ୍ୱାସ ଭରି
କାହା ଉପସ୍ଥିତି ଦୂରାଇଲା ସବୁ
ଦୁଃଖ କଷ୍ଟ ପୀଡ଼ା ଯନ୍ତ୍ରଣା ଭାରି ।।
କାହାର ଦର୍ଶନ ପାଇଁ ଏ ନୟନ
କରିଛି ପ୍ରତୀକ୍ଷା ହୋଇ ବିକଳ
କାହାର ଇଚ୍ଛାରେ ବିଶ୍ୱ ଆତଯାତ
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ସର୍ବେ ଚଞ୍ଚଳ ।।
ସେ ପରା ମୋହର ପିତା ମାତା ଭ୍ରାତା
ସାଥୀ ସହଚର ଚିର ଆଶ୍ରୟ
ଜୀବନର ସୃଷ୍ଟି ତାଙ୍କରି ହାତରେ
ଶେଷରେ ରଚିବେ ସେହି ବିଲୟ ।।

ଭୁବନେଶ୍ୱର

# ପୃଷ୍ଠାଏ ଇତିହାସ

ଲକ୍ଷ୍ମୀପ୍ରିୟା ଓଝା

।୧।

ତୁମେ ଗଢ଼ିବ, ସେ ଭଙ୍ଗିବେ ।
ସେ ଗଢିବେ, ତୁମେ ଭାଙ୍ଗିବ ।

ଭାଙ୍ଗିବା ସହଜ
ଯେମିତି ଭାଙ୍ଗିଛି ଭାରତ ।
ଜାଳିବା ସହଜ
ଯେମିତି ଜଳୁଥିଲା ବାଙ୍ଗଲାଦେଶ ।
ଧ୍ୱଂସର ତାଣ୍ଡବ ରଚିବା ତ ଆହୁରି ସହଜ ।
ଯେମିତି ଧ୍ୱଂସ ହେଉଛି ୟୁକ୍ରେନ, ରୁଷିଆ, ପାଲେଷ୍ଟାଇନ,
ଇରାନ, ଇସ୍ରାଏଲ, ଆହୁରି ଅନେକ ଅନେକ ଦେଶ ।

ଗଢ଼ିବାକୁ ବିତିଯାଇଛି ଶତାବ୍ଦୀ, ଶତାବ୍ଦୀ
ଭାଙ୍ଗିବା ତ କେଇ ମୁହୂର୍ତ୍ତର ଖେଳ ।
ଏ କଥାର ସାକ୍ଷୀ ଇତିହାସ ।

ଏ ସବୁ ମଧ୍ୟ ପାଲଟିଯିବ ପୃଷ୍ଠାଏ ପୃଷ୍ଠାଏ ଇତିହାସ ।



।୨।

ତୁମ ଟିଭିରେ ନ୍ୟୁଜ୍
ସାମ୍ନାରେ ଚା ଓ ପକୁଡ଼ି
ତୁମ ଗୋଡ ଟିପୟ ଉପରେ
ତୁମେ ଅଫିସ ଫେରନ୍ତା ଆରାମ
ମୁଦ୍ରାରେ ।

ତୁମ କାଚ ଝର୍କା ସେପଟେ ଇନ୍ଦ୍ରଧନୁ ।
ତୁମ କାନ୍ଥ ସେପାଖେ
ଭାସୁଛି କଳା ବାଦଲ ଖଣ୍ଡ ଖଣ୍ଡ
ଦିଶୁନି ଯାହା ତୁମକୁ
ତୁମେ ଆଶ୍ୱସ୍ତ, ତୁମେ ସୁରକ୍ଷିତ ।

ଧଳା ପାରା ଦଳେ ଉଡୁଛନ୍ତି
ଡେଣାରେ ତାଙ୍କର
ନାଲି, ନେଳି, ନାରଙ୍ଗୀ, ସବୁଜ ରଙ୍ଗର ଛିଟ ।
ଦେଖି, ତୁମେ ମୋହଗ୍ରସ୍ତ ।

ସେଇ ରଙ୍ଗ ଧୀରେ ଧୀରେ
ବାମନର ପାଦ ପରି ଗ୍ରାସିବ
ସମଗ୍ର ଆକାଶ ।
'ହଃ ! ଜୀବନ'ର ସ୍ୱର
ନିଷ୍ପ୍ରଭ ହେଉଥିବ ଧୀରେ ଧୀରେ ।
ଚା କପର ବାମ୍ପ ଧୂଆଁ ହେଇ
ରୁନ୍ଧୁ ଥିବ ତୁମର ନିଃଶ୍ୱାସ ।

ହୁଏତ ସେତେବେଳେ ଦୂର କେଉଁ ଦେଶର ନାଗରିକଟିଏ
ଗୋଡ଼ରେ ଗୋଡ ରଖି
ଦେଖୁଥିବି ଠିକ୍ ତୁମ ପରି ଟିଭି
ମନେମନେ ଭାବୁଥିବ ଯାହାହେଉ
'ଆମେ ସୁରକ୍ଷିତ ।'

ବରୋଦା, ଗୁଜରାଟ
ଫୋନ୍-୭୪୯୦୯୯୬୮୬୫

# ଶ୍ରାବଣ ଆସିଛି ବରଷାକୁ ନେଇ

ପ୍ରତିଭା ମଞ୍ଜରୀ ଦେବୀ

ଶ୍ରାବଣ ଆସିଛି ବରଷାକୁ ନେଇ
ଇଚ୍ଛାତ ହେଉଛି ଭିଜିଯିବାପାଇଁ
ଶୁଭୁଛି ଖାଲି କର୍ଣ୍ଣେ ରାଗ ମହ୍ଲାର
ଧରା ପାଲଟିଛି ସରଗପୁର

ଘଡ଼ଘଡ଼ି ବାଜା ଆକାଶେ ବାଜୁଛି
ତାଳରେ, ଛନ୍ଦରେ ଶ୍ରାବଣ ନାଚୁଛି
ଛମ୍, ଛମ୍ ଶୁଭୁଛି ଘୁଙ୍ଗୁର ତାର
ଧରା ପାଲଟିଛି ସରଗପୁର।

ବନ ଉପବନ ସୁନ୍ଦର ଦିଶୁଛି
ସବୁଜ ବସନ ଧରଣୀ ପିନ୍ଧିଛି
ସତେ ଅବା ଆୟୋଜନ ଉତ୍ସବର
ଧରା ପାଲଟିଛି ସରଗ ପୁର।

ଚାଷୀ ମନଟା ବିଭୋର ଆନନ୍ଦରେ
ଅସୁମାରୀ ଆଶା ତା ମନ ଭିତରେ
ଶ୍ରାବଣ ଆଣିଛିରେ ଖୁସି ଖବର
ଧରା ପାଲଟିଛି ସରଗ ପୁର।

କାହିଁ କେତେ ଦୂରୁ ନେଇ ଜଳ ଭାର
ଖାଲି ପାଦେ ଭକ୍ତ ଚାଲେ ଶିବ ମନ୍ଦିର
ଜଳାଭିଷେକ କରିବ ଶିବଙ୍କର
ଧରା ପାଲଟିଛି ସରଗପୁର।

ସହିଦ ନଗର, ଭୁବନେଶ୍ୱର



# ହାଟ:ଏକ ଧାରା ବିବରଣୀ

ଡକ୍ଟର କମଳା କୃଷ୍ଣ ତ୍ରିପାଠୀ



ପୃଥିବୀର ସଂକୁଚିତ ରୂପ ଏ ହାଟ।
ହାଟରେ ସବୁ ଜିନିଷ ମିଳେ।
ଦି' ଦିନ ତଳର ବାସି ମାଛିଖିଆ ଝିଲାପି,
ସଲପ, ମହୁଲି, ଶୁଖୁଆ,
ଆଜି ସକାଳର ଘଟଣା ପରି
ତୋଳାଯାଇଥିବା ଶାଗ,
ତଟକା ପରିବା ।
ତା' ସାଙ୍ଗକୁ
ସପ୍ତାହକ ଯାଏଁ ଲୋଡ଼ା ପଡୁଥିବା ସାମଗ୍ରୀ।
ବାଛିବାର ତରିକା ଅନେକ ଓ ଅଲଗା।
ଶସ୍ତା ହରେକ୍ ମାଲ୍ ଦେଖି
ହୀନ ହିନସ୍ଥା ହାବୁଡ଼ରେ ପଡ଼ିବାର
ସମ୍ଭାବନା କମ୍ ନୁହେଁ।
ଲୋକଙ୍କୁ ବୁଲେଇ ହୁଏ ଫୁଲେଇ ହୁଏ
ଭୁଲେଇ ବି ହୁଏ, ଏଇଠି !
କିଛି ଲୋକ ଜୁଆଡି ପାଲରେ ପଡ଼ି
ନିଜ ସାଇକଲ ଘଡ଼ି ମୁଦି ସହ
ସର୍ବସ୍ୱାନ୍ତ ହେବା, ସବୁ ହାଟର ଇସ୍ତାହାର ।
କମ୍ ପଇସାରେ ଲାଭ
କମ୍ ପଇସାରେ ବେଶୀ ଲାଭ
ବିନା ଖର୍ଚ୍ଚରେ ଲାଭ
ମୁଣ୍ଡରେ ଅଳିଆ ଭରି ଭରେଇ କ୍ଷଣକରେ ଲାଭ ।
ତା'ରି ପାଇଁ ତ ଏତେ ତରତର।
ଭଲ ଜରି ଖୋଳରେ
କୁକୁର ଖାଇ ନ ପାରିବା ବିସ୍କୁଟ ବି
ଅଧିକ ଦାମ୍‌ରେ ବିକାହୁଏ, ହାଟରେ।
ଦି' ଚାରିଟାର ମାଆ ବି
ଦି' ଚାରିଟାର ବାପ ସହ ଫେରାର ହୁଅନ୍ତି,
ସେଇଠାରୁ।
ଦି' ଦିନର ଜୀବନ
ଦି' ପାପର ଚକ୍ରାନ୍ତ
ଚାରି ପିଢ଼ି ଯାଏଁ ଦୁର୍ଗନ୍ଧର ସଂଚରଣ !

ହାଟ ତ ସାପ୍ତାହିକ।
କିଏ ମାସକୁ ଥରେ ଆସେ ତ
କିଏ ଦୈନିକ।
ଯିଏ ଅକାଳେ ସକାଳେ ଆସେ
ବେଶି ଖୋଜେ କମ୍ କିଣେ ।
କାମ କମ୍ ଦାମ୍ ଅଧିକା।
ବର୍ଷକୁ ଥରେ ହାଟକୁ ଆସୁଥିବା
ହାଟୁଆ ନାଟୁଆ ଦେଖଣାହାରୀ ଦୋକାନୀକୁ
ସବୁ ଦୋଷ ଦୋ ଦୋ ଚିହ୍ନା, ସଭିଏଁ ଅଚିହ୍ନା।
ହାଟରେ ବିଜ୍ଞାପନ ବି ହୁଏ।
ସରକାରୀ ପ୍ରଚାରପତ୍ର ବି ବଣ୍ଟାଯାଏ।
କିଛି ଲୋକ ପଇଁତରା ମାରୁମାରୁ
ନଇଁ ଆସେ ସଞ୍ଜ ।
ଏ ପସରା ସେ ଦୋକାନ
ହେଉ ହେଉ
ଲେଉଟି ଯାଇଥାନ୍ତି ସଭିଏଁ।
ଖାଲି ପରିବାମୁଣା ଧରି ଫେରିବାକୁ ପଡେ।
ଆଉ, ଚାଖଣାଖିଆର ମହାପ୍ରସାଦ, ଏ ହାଟ ।
କିଛି ଲୋକ ଖାଲି ହାତରେ ଯାଇ
ଆ ପକେଟ୍ ତା' କୋଥଳୀରେ ହାତମାରି
ଗରମ କରୁଥାନ୍ତି ନିଜ ପର୍ସ।
ଏମିତି ଅନେକ ଦୃଶ୍ୟ ସାଇତି ରଖି
ହାଲିଆ ହେଇ
ଅପରାହ୍ଣରେ ବି ଶୋଇ ପଡିଥାଏ ହାଟ ।
ନାଟକର ଚରିତ୍ରମାନେ ଆଉ ଏକ
ମଞ୍ଚରେ ଏକାଙ୍କିକା ମଞ୍ଚସ୍ଥ ପାଇଁ
ଖୋଜୁଥାନ୍ତି ବାଟ
ସରିଆସୁଥାଏ ଜୀବନର ନାଟ।
ଦେଖା ଶିଖା ନିର୍ଦ୍ଦେଶନାରେ
ନୂଆ କିଣାଳୀ ବିକାଳୀ ଦେଖାଳୀର
ସମାରୋହ ସମାବେଶରେ
ନୂଆ ରୂପ ପାଉଥାଏ ହାଟ ?

ସର୍ଜନାନୟ, ଦକ୍ଷିଣ ଲିଙ୍କ୍ ରୋଡ଼ ଦ୍ୱିତୀୟ ଗଳି
ଜୟପୁର (କୋରାପୁଟ)- ୭୬୪୦୦୧
ମୋ- ୯୯୩୭୦୧୪୮୬୩

# ସେବେଳ ରେବତୀ ଆଜିର ରେବତୀ

କୈଳାସ ଚନ୍ଦ୍ର ମାଝୀ



ହୋ ବ୍ୟାସେ,
ଶତ ପ୍ରତିଶତ ହୋଇଗଲା ସତ
ତୁମରି ରେବତୀ ଗଳ୍ପ
ବୁଢ଼ୀ ମାଆ କଥା
ନଶୁଣି ରେବତୀ
ପଢ଼ିବାରୁ ଏବେ ପାଠ ।
ଦେଢ଼ ଶହ ବର୍ଷର ପୁରୁଣା ଗାଳି
ଲୋ ରେବୀ......ଲୋ ନିଆଁ.....ଲୋ ଚୁଲି
ଆଜି ବି ଫଳୁଛି
ଅଭିଶାପ ହୋଇ
ରେବୀ ମରେ ଜଳି ଜଳି ।
ହୋ ବ୍ୟାସେ,
ମିଛି ମିଛିକା ଏ ନାରୀ ସ୍ୱାଧିନତା
ନାହିଁ ତିଳେ ମାତ୍ର ସତ
କେମିତି ପଢ଼ିବେ
ଝିଅ ଏଠି ପାଠ
କାମାତୁର ଯେ ଶିକ୍ଷକ ।
ନାରୀ ସ୍ୱାଧିନତା ଡାହା ମିଛ କଥା
ନାରୀ ନୁହେଁ ସୁରକ୍ଷିତ
କେତେ ସତ ଏଠି
ମିଛ ହୋଇଯାଏ
ମୁଣ୍ଡ ଟେକେ କିଛି ସତ ।
ହୋ ବ୍ୟାସେ,
ମାଳିକା ପରି ଯେ ତୁମରି ଗଳପ
ହେଉଅଛି ଆଜି ସତ
ଦିବ୍ୟ ଦ୍ରଷ୍ଟା ତୁମେ
ଥିଲ କି ଫକୀର
ଜଣାଥିଲା ଭବିଷ୍ୟତ ।
ରେବତୀର ସ୍ୱପ୍ନ ଅଧା ରହିଗଲା
ଧସିଲା ଦୁଃଖ ପାହାଡ଼
ସେବେଳ ରେବତୀ
ଆଜିର ରେବତୀ
ପାଠ ପଢା ହେଲା କାଳ ।

ଗରାମ ଗ୍ରାମ, କନ୍ଦରପୁର, କଟକ
ଫୋନ୍- ୮୮୯୫୬ ୫୮୨୨୭

# ଜୟହିନ୍ଦ୍

ଦେବାଶିଷ ମହାପାତ୍ର



(୧)

ପେହେଲଗାଁରେ ପିଶାଚ ଦଳକୁ
ଘରେ ପଶି ଦେଲୁ ପାହାର !
ସିନ୍ଧୁ ନଦୀର ବନ୍ଦ କଲୁ ଜଳ
ଭୟରେ ଥରିଲା-
ଇସଲାମାବାଦ, ଲାହୋର !
ଦେଲୁ ଚେତାବନୀ, ହେ ଆତଙ୍କୀସ୍ତାନୀ !
ତୁମ ପଟୁ ଯଦି ଗୁଳିଟିଏ ଫୁଟେ
ଆମ ପଟୁ ଯିବ ଗୋଳା !
ତୁମର ଢାମଣା, ଟପିଲେ ଅଗଣା
ଆମ ପଟୁ ଯିବ-
ବ୍ରହ୍ମକୀଳା, ପଦ୍ମତୋଳା !!

(୨)

ଚୀନ୍, ଆମେରିକା କରିଦେଲେ ଏକା
ଧରାପଡ଼ିଗଲା ସରିଫ !
ଭାଙ୍ଗିଲା ଫୁଟାଣି, ସତ ହେଲା ଜାଣି
ତରଳିଲା ମିଛ ବରଫ !
ଜ୍ଞାନ କଉଶଳେ
ନିଜ ବୁଦ୍ଧିବଳେ
କରିପାରିବନି ଛୁଞ୍ଚ !
ହେଲେ-
ଆତଙ୍କବାଦର ପୁରୁଣା ବ୍ୟାଧିରୁ
ଇଞ୍ଚେ ବି ଯାଉନ ଘୁଞ୍ଚ !
ପେହେଲ୍‌ଗାଁ ପରେ ଆମ ବାୟୁ ସେନା
ଏମିତି ଦେଇଛି ପାନେ।
ବିନା ଅଭିଧାନେ ବୁଝିଯିବ ଏବେ-
'ପାକିସ୍ତାନ' ଶବ୍ଦ ମାନେ !!

(୩)

ଶାନ୍ତି, ମୈତ୍ରୀ, ଅହିଂସାର ମନ୍ତ୍ର
ବିଶ୍ୱକୁ ଦେଇଛୁ ଆମେ-
ସମଗ୍ର ବସୁଧା, ଗୋଟିଏ କୁଟୁମ୍ବ
ଏଇ କଥାଟିକୁ
ଆମ ମୁନିଋଷି
କହିଥିଲେ ଧରାଧାମେ-
ଶାନ୍ତିର ଦୂତ, ଆମ ଭାରତକୁ
ଆତଙ୍କୀସ୍ତାନର ଅତର୍କିତ ଆକ୍ରମଣ
ଜବାବରେ ଆମେ-
ଦେଇଛୁ ପାହାର
ଛତ୍ରଭଙ୍ଗ ଦେଇଛନ୍ତି ଜଣ, ଜଣ !!
ଜୟହିନ୍ଦ୍ ଜୟହିନ୍ଦ୍ !
ଗଙ୍ଗା, ଗୋଦାବରୀ, ଝେଲମ୍, କାବେରୀ
ସତ୍‌ଲେଜ ଆଉ ସିନ୍ଧ୍ !
ଜୟହିନ୍ଦ୍ ଜୟହିନ୍ଦ୍ !
ନଦୀର ନାମରେ କରୁଛୁ ଶପଥ
ସମଗ୍ର ଭାରତବାସୀ।
ସାକ୍ଷୀ ଶିରିକ୍ଷେତ୍ର, ମଥୁରା ତ୍ରିପୁରା
ବୃନ୍ଦାବନ ଆଉ କାଶୀ !!
ଆତଙ୍କୀସ୍ତାନରୁ ଆତଙ୍କ କରିବୁ ଇତି-
ସେନାବାହିନୀକୁ ସାହସ ଯୋଗାଇ
ଗାଉଥିବୁ ଜୟଗୀତି, ଗାଉଥିବୁ ଜୟଗୀତି।

କ୍ୱାର୍ଟରନମ୍ବର-୪ଆର୍/୧, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ କ୍ୟାମ୍ପସ୍
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୨୨

# ମାତ୍ର ୬୦ ବଲ୍‌ରେ ୧୩୯ ରନ କଲେ ଜୋର୍ଡାନ କକ୍ସ



**ନୂଆଦିଲ୍ଲୀ**

ବ୍ଲାଷ୍ଟରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ୨୪ ବର୍ଷୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋର୍ଡାନ କକ୍ସ ଏକ ବିସ୍ଫୋରକ ଇନିଂସ ଖେଳି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। କକ୍ସ ଏହି ଇନିଂସରେ କେବଳ ଛକା ଏବଂ ଚୌକା ସହିତ ଶତକ ହାସଲ କରିଥିଲେ। ଏହି ଇନିଂସ ଏସେକ୍ସକୁ ହାମ୍ପଶାୟାର ବିପକ୍ଷରେ ୪ ଉଇକେଟ ବିଜୟ ଦେଇଥିଲା। ପ୍ରଥମେ ବ୍ୟାଟିଂ କରି, ହାମ୍ପଶାୟାର ୨୨୦ ରନର ଏକ ବିଶାଳ ସ୍କୋର କରିଥିଲା। ଟୋବି ଆଲବର୍ଟ ୮୪ ରନର ଏକ ଭଲ ଇନିଂସ ଖେଳିଥିଲେ, ହିଲ୍ଟନ କାର୍ଟରାଇଟ ୨୩ ବଲ୍‌ରେ ଦ୍ରୁତ ୫୬ ରନ କରିଥିଲେ, ଯେଉଁଥିରେ ସେ ୫ ଛକା ଏବଂ ୩ ଚୌକା ମାରିଥିଲେ। କିନ୍ତୁ ଜୋର୍ଡାନ କକ୍ସଙ୍କ ଇନିଂସ ଏହି ଉଭୟ ଇନିଂସକୁ ପଛରେ ପକାଇ ଦେଇଥିଲା, ଯାହା ୪ ବଲ ବାକି ଥାଇ ଏସେକ୍ସକୁ ବିଜୟୀ କରାଇଥିଲା।

ଜୋର୍ଡାନ କକ୍ସ ୬୦ ବଲ୍‌ରେ ୨୩୧.୬୭ ଷ୍ଟ୍ରାଇକ ରେଟ୍‌ରେ ୧୩୯ ରନର ଅପରାଜିତ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଏହି ଇନିଂସରେ ସେ ୧୧ଟି ଛକା ଏବଂ ୧୧ଟି ଚୌକା ମାରିଥିଲେ, ଅର୍ଥାତ୍ ଯଦି କେବଳ ଏଗୁଡ଼ିକୁ ଗଣନା କରାଯାଏ, ତେବେ ସେ ୨୨ଟି ବଲ୍‌ରେ ୧୧୦ ରନ କରିଥିଲେ। ୧୧ଟି ବଲ୍‌ରେ ୧୧ଟି ଚୌକାରୁ ୪୪ ରନ ଏବଂ ୧୧ଟି ବଲ୍‌ରେ ୧୧ଟି ଛକାରୁ ୬୬ ରନ କରିଥିଲେ।

ଉଇକେଟ କିପର ବ୍ୟାଟ୍ସମ୍ୟାନ ଜୋର୍ଡାନ କକ୍ସଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବଡ଼ ଇନିଂସ ଖେଳିପାରି ନଥିଲେ। ଏସେକ୍ସର ଉଭୟ ଓପନର ମାଇକେଲ ପେପର (୨୩) ଏବଂ ପଲ ୱାଲ୍ଟର (୧୩) ବଡ଼ ଇନିଂସ ଖେଳିପାରି ନ ଥିଲେ, କିନ୍ତୁ ଏହା ପରେ ଜୋର୍ଡାନ ବିସ୍ଫୋରକ ଇନିଂସ ଖେଳିଥିଲେ।

# ପ୍ରକାଶ ପାଇଲା ବିସିସିଆଇର ୨୦୨୩-୨୪ ଆର୍ଥିକ ବର୍ଷ ରିପୋର୍ଟ




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ମଧ୍ୟରେ ଗଣାଯାଏ। ଏହା ପଛରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ମଧ୍ୟ ଏକ ବଡ଼ ହାତ ଅଛି। ସମ୍ପ୍ରତି ବିସିସିଆଇର ୨୦୨୩-୨୪ ଆର୍ଥିକ ବର୍ଷ ସମ୍ପର୍କରେ ଏକ ବଡ଼ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବୋର୍ଡର ରାଜସ୍ୱର ୫୯ ପ୍ରତିଶତ କେବଳ ଆଇପିଏଲ ଯୋଗଦାନ କରିଛି। ସେହି ସମୟରେ ବିସିସିଆଇର ସଚିବ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ଥିଲେ, ଯିଏ ଏହି ପଦବୀ ଗ୍ରହଣ କରିବା ପରେ ବୋର୍ଡକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ଏହାକୁ ଧନୀ କରିଥିଲେ। ଏହି କ୍ରିକେଟ ବୋର୍ଡର ରୋଜଗାର ଦିନକୁ ଦିନ ବୃଦ୍ଧି ପାଉଛି।

୨୦୨୩-୨୪ ଆର୍ଥିକ ବର୍ଷରେ ବିସିସିଆଇ ୯୭୪୧.୭ କୋଟି ଟଙ୍କା ରୋଜଗାର କରିଥିଲା। ଏଥିମଧ୍ୟରୁ, କେବଳ ଆଇପିଏଲ ୫୭୬୧ କୋଟି ଟଙ୍କା ରୋଜଗାର କରିଥିଲା। ଏହାର ଅର୍ଥ ହେଉଛି ଆଇପିଏଲ ୫୯% ଆର୍ଥିକ ଅବଦାନ ରଖିଛି। ରିପୋର୍ଟ ଅନୁଯାୟୀ, ବିସିସିଆଇ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ପ୍ରସାରଣ ଅଧିକାର ସମେତ ଅଣ-ଆଇପିଏଲ୍ ମିଡିଆ ଅଧିକାର ବିକ୍ରୟରୁ ୩୬୧ କୋଟି ଟଙ୍କା ରୋଜଗାର କରିଛି। କେବଳ ଏତିକି ନୁହେଁ, ଗତ ଆର୍ଥିକ ବର୍ଷରେ ବୋର୍ଡ କେବଳ ସୁଧରୁ ୯୮୭ କୋଟି ଟଙ୍କା ରୋଜଗାର କରିଥିଲା। ଏହି ସମୟ ମଧ୍ୟରେ, ସେମାନେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବଣ୍ଟନରୁ ୧,୦୪୨ କୋଟି ଟଙ୍କା ପାଇଛନ୍ତି। କେବଳ ଏତିକି ନୁହେଁ, ଆଇପିଏଲ ବ୍ୟତୀତ ରାଜସ୍ୱ ବୃଦ୍ଧି କରିବା ପାଇଁ ବିସିସିଆଇକୁ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି କିମ୍ବା ସିକେ ନାୟୁଡୁ ଟ୍ରଫି ଭଳି ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ମଧ୍ୟ ବହୁତ ସାହାଯ୍ୟ ମିଳିଥାଏ। ବୋର୍ଡ ଏହି ସମସ୍ତ ଘରୋଇ ଟୁର୍ଣ୍ଣାମେଣ୍ଟରୁ ମଧ୍ୟ ବହୁତ ଲାଭ ପାଏ। ଏଥିରୁ ଅନୁମାନ କରିହେବ ଯେ, ବୋର୍ଡ ପାଖରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ରିଜର୍ଭ ଅଛି।

ଆଇପିଏଲର ସଫଳତା ପରେ ବିସିସିଆଇ ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ମଧ୍ୟ ଆରମ୍ଭ କରିଥିଲା। ସେମାନେ ଏହାର ୨୦୨୩-୨୪ ସିଜିନରୁ ୩୭୮ କୋଟି ଟଙ୍କା ରୋଜଗାର କରିଥିଲେ। ଏହା ବ୍ୟତୀତ, ଯେତେବେଳେ ଭାରତୀୟ ଦଳ ଅନ୍ୟ ଦେଶକୁ କ୍ରିକେଟ ଖେଳିବାକୁ ଯାଏ, ସେମାନେ ମଧ୍ୟ ରୋଜଗାର କରନ୍ତି। ପୁରୁଷ କ୍ରିକେଟ ଦଳର ଗସ୍ତରୁ ବୋର୍ଡ ୩୬୧ କୋଟି ଟଙ୍କା ରୋଜଗାର କରିଛି। କେବଳ ଏତିକି ନୁହେଁ, ବିସିସିଆଇ ୨୦୨୩-୨୪ରେ ଅନ୍ୟାନ୍ୟ ଜିନିଷରୁ ମଧ୍ୟ ୪୦୦ କୋଟି ଟଙ୍କା ରୋଜଗାର କରିଛି। ଏଥିରେ ବିଜ୍ଞାପନ ଏବଂ ଅନ୍ୟାନ୍ୟ ଜିନିଷ ଅନ୍ତର୍ଭୁକ୍ତ। ରୋଜଗାର ଦୃଷ୍ଟିରୁ, ଅନ୍ୟ ଦେଶର ବୋର୍ଡ ବିସିସିଆଇ ଠାରୁ ବହୁତ ପଛରେ ଅଛନ୍ତି।

# ଧୋନୀ ଓ ସଚିନଙ୍କୁ ପ୍ରତିମାସରେ ମିଳୁଛି ୭୦ ହଜାର ଟଙ୍କା ପେନସନ୍



**ନୂଆଦିଲ୍ଲୀ**

ଅବସରପ୍ରାପ୍ତ ଭାରତୀୟ ଖେଳାଳିମାନେ ପ୍ରତି ମାସରେ ବିସିସିଆଇରୁ ପେନସନ ପାଆନ୍ତି। ବିସିସିଆଇ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ପ୍ରତି ମାସରେ ୭୦,୦୦୦ ଟଙ୍କା ପେନସନ ଆକାରରେ ଦିଏ। ସଚିନ ଏବଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଛନ୍ତି। କିନ୍ତୁ ସେମାନେ ପ୍ରାୟତଃ ଖବରରେ ରହିଥାନ୍ତି। ଉଭୟେ ସେମାନଙ୍କ କ୍ରିକେଟ କ୍ୟାରିୟରରୁ ପ୍ରସିଦ୍ଧି ସହିତ ପ୍ରଚୁର ଟଙ୍କା ରୋଜଗାର କରିଛନ୍ତି। ଧୋନୀ ହୁଅନ୍ତୁ କିମ୍ବା ସଚିନ, କ୍ରିକେଟ ବ୍ୟତୀତ, ସେମାନେ ଅନ୍ୟ ଉତ୍ସରୁ ମଧ୍ୟ ବହୁତ ଟଙ୍କା ରୋଜଗାର କରନ୍ତି। ଅବସର ପରେ ସେମାନେ ବିସିସିଆଇରୁ ପେନସନ ଆକାରରେ ବିପୁଳ ପରିମାଣର ଟଙ୍କା ପାଆନ୍ତି। ସଚିନଙ୍କୁ ପେନସନ ଆକାରରେ ୭୦,୦୦୦ ଟଙ୍କା ମିଳିଥାଏ। ଧୋନୀ ଏବଂ ସଚିନଙ୍କ ପେନସନ ଟଙ୍କାରେ କୌଣସି ପାର୍ଥକ୍ୟ ନାହିଁ। ଉଭୟଙ୍କୁ ସମାନ ପେନସନ ମିଳେ। ବିସିସିଆଇ ମଧ୍ୟ ପ୍ରତି ମାସରେ ଧୋନୀଙ୍କୁ ୭୦,୦୦୦ ଟଙ୍କା ଦିଏ। ସଚିନ ୨୦୧୩ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସଚିନ ଭାରତ ପାଇଁ ୪୬୩ ଦିନିକିଆ, ୨୦୦ ଦିନିକିଆ ଏବଂ ଗୋଟିଏ ଟି-୨୦ ମ୍ୟାଚ ଖେଳିଛନ୍ତି। ସଚିନ ଏକଦିବସୀୟରେ ୧୮୪୨୬ ରନ, ଟେଷ୍ଟରେ ୧୫୯୨୧ ରନ ଏବଂ ଟି୨୦ରେ ୧୦ ରନ କରିଛନ୍ତି। ସଚିନ ତିନୋଟି ଫର୍ମାଟରେ ମିଶି ୧୦୦ ଶତକ ହାସଲ କରିଛନ୍ତି। ଧୋନୀ ଭାରତ ପାଇଁ ୯୦ ଟେଷ୍ଟ, ୯୮ ଟି୨୦ ଏବଂ ୩୫୦ ଦିନିକିଆ ଖେଳିଛନ୍ତି। ଧୋନୀ ଏକଦିବସୀୟରେ ୧୦୭୭୩ ରନ, ଟେଷ୍ଟରେ ୪୮୭୬ ରନ ଏବଂ ଟି୨୦ରେ ୧୬୧୭ ରନ କରିଛନ୍ତି। ଅଧିନାୟକ ଭାବରେ ଧୋନୀ ତିନୋଟି ପ୍ରମୁଖ ଆଇସିସି ଟ୍ରଫି ଜିତିଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ଟି୨୦ ବିଶ୍ୱକପ, ଏକଦିବସୀୟ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି।

## ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କେନ୍ଦୁଝର-ଯାଜପୁର ମ୍ୟାଚ୍ ଡ୍ର, ଆରଏସପି ୪-୩ ଗୋଲରେ ବିଜୟୀ



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆ ଠାରେ ଶୁକ୍ରବାର ୬୪ତମ ସାହାଣୀ କପ୍ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ୍ କମ୍ ନକ୍ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ଶୁକ୍ରବାର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ପ୍ରଥମ ଖେଳରେ ଘରୋଇ କେନ୍ଦୁଝର ଏବଂ ଯାଜପୁର ମଧ୍ୟରେ ୨-୨ ଗୋଲ ବିନିମୟରେ ସମାପ୍ତ ହୋଇ ଖେଳ ଡ୍ର ରହିଛି ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟରେ କେନ୍ଦୁଝରର ଗୋଲରକ୍ଷକ ଯଦୁନାଥ ସର୍ଦ୍ଦାର ବିପଜ୍ଜନକ ଖେଳ ପ୍ରଦର୍ଶନ କରିବାରୁ ରେଫରୀ ସୁବ୍ରତ ପୁରୋହିତ ତାଙ୍କୁ ପଡ଼ିଆରୁ ବାହାର କରିଦେଇଥିଲେ। ଫଳରେ କେନ୍ଦୁଝର ମନସ୍ତାତ୍ତ୍ୱିକ ଚାପର ଶିକାର ହୋଇଥିଲା। ପ୍ରଥମାର୍ଦ୍ଧର ୩୭ ମିନିଟରେ ଯାଜପୁର ପକ୍ଷରୁ ଜର୍ସି ନମ୍ବର ୬ ଅଜୟ ସୋରେନ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୩ତମ ମିନିଟରେ ରାଇଟ ଉଇଙ୍ଗର ଭଞ୍ଜ କିଶୋର ହାଁସଦା ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ମାତ୍ର ୭୫ତମ ମିନିଟରେ କେନ୍ଦୁଝରର ଲେଫ୍ଟ ଉଇଙ୍ଗର ମଙ୍ଗଲ ମୁଣ୍ଡା ଏକ ଦର୍ଶନୀୟ ଗୋଲ ଜରିଆରେ ଗୋଲଟିକୁ ପରିଶୋଧ କରିଦେଇଥିଲେ ଏବଂ ଖେଳ ଶେଷ ହୁଇସିଲ ବାଜିବାର ଏକ ମିନିଟ ପୂର୍ବରୁ ଘରୋଇ ଦଳର ମିଡ୍ ଫିଲ୍ଡର ଅନ୍ୟ ଏକ ଗୋଲ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିବା ସହ ମ୍ୟାଚ୍ ଡ୍ର ରଖିବାରେ ସକ୍ଷମ ହୋଇଥିଲେ ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅନୁଗୋଳ ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ବିଜୟୀ ହୋଇ ପୂରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୪ ମିନିଟରେ ରାଉରକେଲାର ଷ୍ଟ୍ରାଇକର ସୁରେଶ ଖାଡ଼ିଆ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୩୬ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗର ଅନ୍ତର୍ଯ୍ୟାମୀ ନାୟକ ଗୋଲଟିକୁ ପରିଶୋଧ କରିଥିଲେ। ମାତ୍ର ୪୩ତମ ମିନିଟରେ ରାଉରକେଲା ପକ୍ଷରୁ ରମେଶ ଓରାମ ଅନ୍ୟ ଏକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୨-୧ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୪୯ ମିନିଟରେ ରାଉରକେଲା ପକ୍ଷରୁ ସୁରେଶ ଖାଡ଼ିଆ ଆଉ ଏକ ଗୋଲ ସ୍କୋର କରିଥିଲେ। ମାତ୍ର ୬୪ତମ ମିନିଟରେ ଏବଂ ୭୪ତମ ମିନିଟରେ ଅନୁଗୋଳ ପକ୍ଷରୁ ପରାଉ ମୁର୍ମୁ ଲଗାତାର ଦୁଇଟି ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। କିନ୍ତୁ ଶେଷରେ ରାଉରକେଲାର ତାରକା ଖେଳାଳି ଚତୁର୍ଥ ଗୋଲଟି ସ୍କୋର କରି ଦଳକୁ ୪-୩ ଗୋଲରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ।

ଶୁକ୍ରବାର ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି ସଦର ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଜିଲ୍ଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରୋଦା ପ୍ରସାଦ ସାହୁଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଗିରୀଶ ଚନ୍ଦ୍ର ହୋତା ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଜଗନ୍ନାଥ କହ୍ନର ଓ ମହେଶ ପ୍ରଧାନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ବାପୁନ ମହାନ୍ତ। ସେହିପରି ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ରତ୍ନାକର ସୋରେନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇ ମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

# ଅର୍ଶାଦ ନଦୀମଙ୍କ କ୍ଷୋଭ : ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ପରେ ମିଳିଥିବା ପୁରସ୍କାର ପ୍ରତିଶ୍ରୁତି 'ମିଛ'



**ନୂଆଦିଲ୍ଲୀ**

ପାରିସ୍ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରାଙ୍କୁ ହରାଇ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିବା ପାକିସ୍ତାନର ପ୍ରଥମ ଆଥଲେଟ୍ ଅର୍ଶାଦ ନଦୀମ ତାଙ୍କୁ ଦିଆଯାଇଥିବା 'ମିଛ' ପୁରସ୍କାର ପ୍ରତିଶ୍ରୁତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ବର୍ଷ ପାରିସ୍‌ରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଅର୍ଶାଦ ୯୨.୯୭ ମିଟର ଦୂରତା ସହ ଜାଭେଲିନ୍ ଥ୍ରୋ'ରେ ସ୍ୱର୍ଣ୍ଣ ଜିତି ନୂଆ ଅଲିମ୍ପିକ୍ ରେକର୍ଡ ସ୍ଥାପନ କରିଥିଲେ, ଯାହା ୨୦୦୮ ବେଜିଂ ଅଲିମ୍ପିକ୍ସରେ ଡେନମାର୍କର ଆନ୍ଦ୍ରିଆସ ଥର୍କିଲ୍ଡସେନଙ୍କ ରେକର୍ଡକୁ ଭାଙ୍ଗିଥିଲା। ନୀରଜ ଚୋପ୍ରା ୮୯.୪୫ ମିଟର ଥ୍ରୋ' ସହ ରୌପ୍ୟ ପଦକ ଜିତିଥିଲେ। ଜିଓ ଟିଭିକୁ ଦେଇଥିବା ଏକ ସାକ୍ଷାତକାରରେ ନଦୀମ କହିଛନ୍ତି, "ମୋତେ ଘୋଷଣା କରାଯାଇଥିବା ସମସ୍ତ ପୁରସ୍କାର ମଧ୍ୟରୁ ଜମି ସମ୍ବନ୍ଧୀୟ ପ୍ରତିଶ୍ରୁତି ସବୁ ମିଛ ଥିଲା, ଯାହା ମୁଁ ଏପର୍ଯ୍ୟନ୍ତ ପାଇ ନାହିଁ। ତଥାପି, କିଛି ଘୋଷିତ ନଗଦ ପୁରସ୍କାର ମୋତେ ମିଳିଛି।"

# ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟା ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ



**ବାଲେଶ୍ୱର, ନ୍ୟୁଜ୍**

ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟାପ୍ରଭାବିତ ଗ୍ରାମଗୁଡ଼ିକର ବନ୍ୟା ପରିସ୍ଥିତି, ରିଲିଫ ବଣ୍ଟନ, ଏବଂ ସ୍ୱାସ୍ଥ୍ୟ ପରିସ୍ଥିତି ସଂପର୍କରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସମୀକ୍ଷା କରିଛନ୍ତି। ବନ୍ୟା ଜଳ ନିଷ୍କାସନ ନହେଲା ପର୍ଯ୍ୟନ୍ତ ଡଙ୍ଗା ସେବା ବନ୍ଦ ନ କରିବାକୁ ନିର୍ଦ୍ଦେଶ ଦେବା ସହ ଜଳସେଚନ ବିଭାଗକୁ ତୁରନ୍ତ ବନ୍ୟା ଜଳନିଷ୍କାସନର ବ୍ୟବସ୍ଥା କରିବା ସହ ଅତ୍ୟାଧୁନିକ ପ୍ରକ୍ରିୟାରେ କିପରି ଏଭଳି ତଳିଆ ଅଞ୍ଚଳରେ ସହଜ ଜଳ ନିଷ୍କାସନ ହେଇପାରିବ ସେ ସମ୍ବନ୍ଧରେ ପ୍ରସ୍ତାବ ରଖିବାକୁ କହିଛନ୍ତି। ବିଡିଓମାନଙ୍କୁ ୩ ଦିନ ମଧ୍ୟରେ ଶୁଖିଲା ଚାଉଳ ବଣ୍ଟନ ସମାପ୍ତ କରିବା ସହିତ ତହସିଲଦାରମାନଙ୍କୁ ୧ ସପ୍ତାହ ମଧ୍ୟରେ କ୍ଷତିର ସଠିକ୍ ସୂଚନା ଓ ପଲିଥିନ ବଣ୍ଟନ ସ୍ଥିତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜିଲ୍ଲାପାଳ ବିକାଶ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂହଙ୍କ ସହ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଙ୍କ ସମେତ ତହସିଲଦାର, ବିଡ଼ିଓ ଏବଂ ସମସ୍ତ ଲାଇନ ବିଭାଗର ଉପରିସ୍ଥ କର୍ମଚାରୀ ଉପସ୍ଥିତ ଥିଲେ।

# ଖପ୍ରାଖୋଲରେ କ୍ୟାଣ୍ଡେଲ ଶୋଭାଯାତ୍ରା



**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ବାଲେଶ୍ୱର ଜିଲାର ଫକିର ମୋହନ କଲେଜ ଛାତ୍ରୀର ମୃତ୍ୟୁ ଘଟଣାରେ ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟରୁ ଏକ ନିରବ କ୍ୟାଣ୍ଡେଲ ଶୋଭାଯାତ୍ରା ଥାନା ଛକ ଯାଏଁ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପରେ ଛକରେ ବୁଦ୍ଧ ମୂର୍ତ୍ତିଙ୍କ ନିକଟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ମୃତ ଛାତ୍ରୀର ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ କାମନା କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଥାନା ଅଧିକାରୀ ନରେନ୍ଦ୍ର ଛତର, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ପବିତ୍ର ପଟେଲ, ଥାନା ଏସ ଆଇ ଲିଙ୍ଗରାଜ କିଷାନ, ସହକାରୀ ଯନ୍ତ୍ରୀ ରାଜ କିଶୋର ନାଏକ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ଭୋଇ, ତାପସ ବେହେରା, ବିମଳ ସାହୁ, ସରୋଜ ସାହୁ, ଅଶୋକ ବାଗ ସମେତ ବିଭିନ୍ନ ବର୍ଗ, ସାମାଜିକ ସଙ୍ଗଠନ, ଏସ୍‌ଓଜି ଯବାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡଃ ଅଭୟ ତ୍ରିପାଠୀ ପରିଚାଳନା କରି ଶେଷରେ ଧନ୍ୟବାଦ ଦେଇ ଶୋଭାଯାତ୍ରା ଶେଷ କରିଥିଲେ।

# ନିଶାମୁକ୍ତ ଯୁବକ ବିକଶିତ ଭାରତର ସାରଥୀ



**ଡକ୍ଟର ମନସୁଖ ମାଣ୍ଡଭିୟ**

କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ, ଭାରତ ସରକାର

କୁହାଯାଏ ଯେ କୌଣସି ଦେଶକୁ ଆଗକୁ ବଢ଼ିବାକୁ ହେଲେ, ଏହାର ଯୁବ ସମାଜ ସଶକ୍ତ ଏବଂ ଦକ୍ଷ ହେବା ଆବଶ୍ୟକ। ଭାରତ ହେଉଛି ବିଶ୍ୱର ସେହି ଦେଶ ଯେଉଁଠାରେ ଯୁବକମାନଙ୍କର ସଂଖ୍ୟା ସର୍ବାଧିକ। ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ କ୍ଷେତ୍ରରେ ଆମର ଯୁବକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ବିକାଶର ଗତି ଯୁବକମାନଙ୍କ ଶକ୍ତି, ଚିନ୍ତାଧାରା ଏବଂ ନିଷ୍ଠା ଦ୍ୱାରା ନିରୁପିତ ହୋଇଥାଏ।

କିନ୍ତୁ ଆଜି ଦେଶ ନିକଟରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଯୁବକମାନଙ୍କୁ ନିଶା ସେବନରୁ ଦୂରେଇ ରଖିବା। ବର୍ତ୍ତମାନ ଯୁବକମାନେ ଅଧିକ ମାତ୍ରାରେ ନିଶା ଗ୍ରହଣ କରୁଥିବା ଦେଖାଯାଉଛି। ଏହି ନିଶା କେବଳ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନୁହେଁ ବରଂ ସେମାନଙ୍କର କ୍ୟାରିୟର, ସ୍ୱପ୍ନ ଏବଂ ଦେଶର ଶକ୍ତି ଉପରେ ମଧ୍ୟ ପ୍ରଭାବ ପକାଉଛି।

ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ୧୦ରୁ ୨୪ ବର୍ଷ ବୟସର ପ୍ରତ୍ୟେକ ୫ ଜଣ ଯୁବକ ମଧ୍ୟରୁ ଜଣେ କେବେ ନା କେବେ ନିଶା ଗ୍ରହଣ କରିଛନ୍ତି। ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ରିପୋର୍ଟ ଅନୁଯାୟୀ ୮.୫ ଲକ୍ଷରୁ ଅଧିକ ପିଲାମାନେ ନିଶା ସେବନର ଶିକାର ହେଉଛନ୍ତି। ଏହି ସଂଖ୍ୟାଗୁଡ଼ିକ ବହୁତ ଭୟାନକ ଏବଂ ଚିନ୍ତାଜନକ।

ଡ୍ରଗ୍ସ ଏବଂ ଅନ୍ୟାନ୍ୟ ନିଶା ପଦାର୍ଥକୁ ଦୂର କରିବା ପାଇଁ ଭାରତ ସରକାର ଗତ ୧୧ ବର୍ଷ ମଧ୍ୟରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି। ୨୦୨୦ ରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା 'ନିଶାମୁକ୍ତ ଭାରତ ଅଭିଯାନ' ଆରମ୍ଭ ହୋଇଛି। ନିଶା ସେବନକୁ ରୋକିବା ଏବଂ ପୀଡିତମାନଙ୍କୁ ସହାୟତା କରିବା ପାଇଁ ସରକାର ଜାତୀୟ ନିଶା ନିବାରଣ କେନ୍ଦ୍ର (ଆଇଆରସିଏ) ଏବଂ ଆଉଟରିଚ୍-କମ-ଡ୍ରପ୍ ଇନ୍ ସେଣ୍ଟର (ଓଡିଆଇସିଏସ୍) ପ୍ରତିଷ୍ଠା କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା ଅଭିଯାନ କରାଯାଇଥିଲା। ଡ୍ରଗ୍ ମାଫିଆଙ୍କ ବିରୋଧରେ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) କଠୋର ପଦକ୍ଷେପ ଗ୍ରହଣ କରିଥିଲା। ଏହା ବ୍ୟତୀତ ଯୁବକମାନଙ୍କ ପରାମର୍ଶ ପାଇଁ ସାରା ଦେଶରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଏହା ସହିତ ବିଭିନ୍ନ ରାଜ୍ୟରେ ସ୍ଥାନୀୟ ପ୍ରଶାସନ, ବେସରକାରୀ ସଂଗଠନ ଏବଂ ସାମାଜିକ କର୍ମୀଙ୍କ ସହାୟତାରେ ନିଶା ବିରୋଧରେ ଅନେକ ବଡ଼ ଅଭିଯାନ ଚାଲୁ ରହିଛି।

ଏହି ସଂଗ୍ରାମକୁ ମଜବୁତ କରିବାକୁ ଭାରତ ନିରନ୍ତର ଚେଷ୍ଟା କରୁଛି। ଏହି ପରିପ୍ରେକ୍ଷୀରେ, ମାଇଁ ଭାରତ ଏକ ବଡ଼ ପଦକ୍ଷେପ ନେଇଛି। ୧୯ ରୁ ୨୦ ଜୁଲାଇ ପର୍ଯ୍ୟନ୍ତ ବାବା କାଶୀ ବିଶ୍ୱନାଥଙ୍କ ଦେଶରୁ 'ଯୁବ ଆଧ୍ୟାତ୍ମିକ ସମ୍ମିଳନୀ' ଆରମ୍ଭ ହେଉଛି। ଏହାର ବିଷୟବସ୍ତୁ 'ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବକ' ହେବ। ବାରଣାସୀର ପବିତ୍ର ଘାଟରେ ଆୟୋଜିତ ହେବାକୁ ଥିବା ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଏକ ଜାତୀୟ ନୀତି ପ୍ରସ୍ତୁତ କରିବା ଯାହା ଯୁବକମାନଙ୍କ ନେତୃତ୍ୱରେ ନିଶା ନିବାରଣ ଅଭିଯାନକୁ ମଜବୁତ କରିବ।

ଏହି ଶିଖର ସମ୍ମିଳନୀରେ ଦେଶର ୧୦୦ ରୁ ଅଧିକ ଆଧ୍ୟାତ୍ମିକ ସଂଗଠନର ଯୁବ ପ୍ରତିନିଧୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଏହା ମାଧ୍ୟମରେ ଯୁବକମାନେ ଏକ ପ୍ଲାଟଫର୍ମ ପାଇବେ ଯେଉଁଠାରେ ସେମାନେ ସରକାର ଏବଂ ନୀତି ନିର୍ଦ୍ଧାରଣକାରୀଙ୍କ ନିକଟରେ ନିଜର ସ୍ୱର ପହଞ୍ଚାଇବାରେ ସକ୍ଷମ ହେବେ।

ଏହି ସମ୍ମିଳନୀରେ ଦେଶରେ ନିଶା ବିରୋଧରେ ଲଢେଇକୁ ମଜବୁତ କରିବା ପାଇଁ ବିଭିନ୍ନ ଅଧିବେଶନ ଆୟୋଜନ କରାଯିବ। ନିଶା ସେବନର ପ୍ରାଦୁର୍ଭାବ, ଏହାର ପ୍ରକୃତି, ପ୍ରକାର, ପୀଡିତଙ୍କ ସଂଖ୍ୟା, ଅନ୍ତର୍ଜାତୀୟ ପ୍ରଭାବ, ସରକାର ଏବଂ ମାଇଁ ଭାରତର ଯୁବ ସ୍ୱେଚ୍ଛାସେବୀଙ୍କ ଭୂମିକା ଭଳି ବିଷୟ ଉପରେ ଗଭୀର ଆଲୋଚନା ଏବଂ ବିଚାର ବିମର୍ଷ ହେବ। ଏହା ବ୍ୟତୀତ, ନିଶା ସେବନରୁ ମୁକ୍ତି ପାଇଥିବା ଯୁବକମାନଙ୍କ ପ୍ରେରଣାଦାୟକ କାହାଣୀ ଏବଂ ଅନୁଭୂତି ମଧ୍ୟ ଅଂଶୀଦାର କରାଯିବ, ଯାହା ଦ୍ୱାରା ଅନ୍ୟ ଯୁବକମାନେ ସେମାନଙ୍କଠାରୁ ପ୍ରେରଣା ନେଇପାରିବେ।

ଶେଷରେ ଏକ 'କାଶୀ ଘୋଷଣାନାମା' ପ୍ରକାଶ ପାଇବ, ଯାହା ଆସନ୍ତା ପାଞ୍ଚ ବର୍ଷ ପାଇଁ ନିଶା ନିବାରଣ ଅଭିଯାନର ରୋଡ୍ ମ୍ୟାପ୍ ହେବ। ଏଥିରେ ଯୁବକମାନଙ୍କୁ କିପରି ନିଶାରୁ ଦୂରେଇ ରଖାଯିବ, ନିଶା ସେବନ କରୁଥିବା ଲୋକଙ୍କୁ କିପରି ସାହାଯ୍ୟ କରାଯିବ ଏବଂ ସମଗ୍ର ଦେଶରେ ସଚେତନତା ଅଭିଯାନକୁ କିପରି ତୀବ୍ର କରାଯିବ ସେ ନେଇ ନିଷ୍ପତ୍ତି ନିଆଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ଦେଶର ଅମୃତ ପୀଢ଼ିଙ୍କ ସ୍ୱପ୍ନର ଭାରତ ସୃଷ୍ଟି ବିଷୟରେ ଆଲୋଚନା କରନ୍ତି। ତାଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ଏକ ସାମଗ୍ରିକ ତଥା ପ୍ରଭାବଶାଳୀ ପଦକ୍ଷେପର ଉଦାହରଣ ହେବ। ଏହି ପଦକ୍ଷେପ କେବଳ ଯୁବକମାନଙ୍କୁ ନିଶା ଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିବ ନାହିଁ ବରଂ ରାଷ୍ଟ୍ର ନିର୍ମାଣର ମୁଖ୍ୟ ସ୍ରୋତରେ ଏକ ଦୃଢ ଭୂମିକା ଗ୍ରହଣ କରିବାକୁ ସେମାନଙ୍କୁ ପ୍ରେରଣା ଯୋଗାଇବ।

ଦେଶକୁ ଏକ ବିକଶିତ ରାଷ୍ଟ୍ର ଭାବେ ପରିଣତ କରିବାର ସବୁଠାରୁ ବଡ଼ ଦାୟିତ୍ୱ ଆମର ଯୁବ ଶକ୍ତି ଉପରେ ରହିଛି। ଏହି ଲକ୍ଷ୍ୟକୁ ନେଇ କାଶୀରେ ଆୟୋଜିତ ହେବାକୁ ଥିବା 'ଯୁବ ଆଧ୍ୟାତ୍ମିକ ସମ୍ମିଳନୀ' କେବଳ ଏକ କାର୍ଯ୍ୟକ୍ରମ ହେବ ନାହିଁ ବରଂ ଏକ ଜାତୀୟ ଚେତନାର ପ୍ରାରମ୍ଭ ସ୍ଥଳ ହେବ। ନିଶା ବିପକ୍ଷରେ ଦେଶବ୍ୟାପୀ ଅଭିଯାନକୁ ଏହା ନୂଆ ଦିଗ ଏବଂ ଶକ୍ତି ଦେବ। ଏହାସହ ଏହା ଯୁବପିଢିଙ୍କୁ ନୈତିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଏବଂ ଆତ୍ମ ନିୟନ୍ତ୍ରଣର ଏକ ଭାବନା ସୃଷ୍ଟି କରିବ, ଯାହା ସେମାନଙ୍କୁ କେବଳ ସେମାନଙ୍କ ଜୀବନରେ ଅର୍ଥ ଦେବ ନାହିଁ, ବରଂ ଏହା ଏକ ଆତ୍ମନିର୍ଭରଶୀଳ, ଶକ୍ତିଶାଳୀ ତଥା ବିକଶିତ ରାଷ୍ଟ୍ର ଭାବରେ ଦେଶ ପ୍ରତିଷ୍ଠା କରିବାର ଏକ ମାଧ୍ୟମ ହେବ। ପବିତ୍ର କାଶୀରୁ ଏହି ଆହ୍ୱାନ ପ୍ରତ୍ୟେକ ଯୁବକଙ୍କ ମନକୁ ଜାଗରଣ ଏବଂ ଦେଶପ୍ରେମର ଏକ ନୂତନ ଆଲୋକରେ ପରିପୂର୍ଣ୍ଣ କରିବ ଏବଂ ଏହି ସଂକଳ୍ପ ୨୦୪୭ ର ବିକଶିତ ଭାରତର ଦୃଢ ମୂଳଦୁଆ ହେବ।

# ଟାଟା ଷ୍ଟିଲ୍ ପକ୍ଷରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟି ଫେଜ୍-୨ର ବାମିଆଘାଟ କମ୍ୟୁନିଟି ହଲ୍‌ରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏହି କେନ୍ଦ୍ର ଜରିଆରେ ଫାଉଣ୍ଡେସନ ସ୍ୱଦେଶୀ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରସାର ପାଇଁ ରହିଥିବା ପ୍ରତିବଦ୍ଧତାକୁ ଦୋହରାଇଛି ଟାଟା ଷ୍ଟିଲ। ଏହି କେନ୍ଦ୍ରକୁ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ଲଜିଷ୍ଟିକ୍ସ ପରିଚାଳନା ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ (ଟିଏସ୍‌କେଡବ୍ଲ୍ୟୁ)ର ସଭାପତି ରବିନ୍ଦ୍ର କୁମାର ଜାମୁଦା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ଗୋଷ୍ଠୀର ସଦସ୍ୟ ଏବଂ ଚଡ଼ିଆ, ଗୋବରଘାଟି ଓ ନୂଆ ଚମ୍ପାକୋଇଲା ଅଞ୍ଚଳର ବିସ୍ଥାପିତ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ଜୁଲାଇ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଦିବାସୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଏକ ୪ ଦିନିଆ କର୍ମଶାଳା ଆୟୋଜନ କରାଯାଇ ଥିଲା। ସେଥିରେ ଯୁବବର୍ଗ, ମହିଳା ଓ ଗୋଷ୍ଠୀର ନେତୃମଣ୍ଡଳୀ ସମେତ ୬୦ରୁ ଅଧିକ ଜନସାଧାରଣ ଯୋଡ଼ି ହୋଇଥିଲେ। ଝାଡ଼ଖଣ୍ଡର ଆଦିବାସୀ ରାମୋଜ ଆଖଡ଼ା ସହଯୋଗରେ ଆୟୋଜିତ ଏହି କର୍ମଶାଳା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟନ ଅବସର ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲା ଏବଂ ସ୍ଥାନୀୟ ସମାଜରେ ସାଂସ୍କୃତିକ ଗୌରବ ଓ ଉତ୍ସାହକୁ ସୁଦୃଢ଼ କରିଥିଲା। ଏହି ସମାରୋହରେ ଟିଏସ୍‌ଏଫ୍ ଟିମ୍ ତରଫରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରର ଲକ୍ଷ୍ୟ ଏବଂ ପାରମ୍ପରିକ କଳାକୃତିକୁ ସମୃଦ୍ଧ କରିବା ଓ ଆଦିବାସୀ ଗୋଷ୍ଠୀଙ୍କୁ ସଶକ୍ତ କରିବା ଉପରେ ଆଲୋକପାତ କରାଯାଇ ଥିଲା। ଏହି ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରକୁ ସାଂସ୍କୃତିକ ପରିପ୍ରକାଶ, ଦକ୍ଷତା ବିକାଶ ଏବଂ ଗୋଷ୍ଠୀ ସମ୍ପୃକ୍ତିର ହବ୍ ଭାବେ ପରିକଳ୍ପନା କରାଯାଇଥିବା ବେଳେ ଭବିଷ୍ୟତ ପିଢ଼ି ପାଇଁ ଆଦିବାସୀ ନୃତ୍ୟ ଓ ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ଆହୁରି ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଛି।

**ZILLA SWASTHYA SAMITE DHENKANAL** E-239

**CORRIGENDUM NOTICE**

No : 2958 Date : 18.07.2025

With reference to this office Tender Notice no.2826/CDM & PHO, Dhenkanal dated 08/07/2025 for Supply of IEC/BCC Materials of the tender documents containing the last three financial year be read as 2021-22, 2022-23 & 2023-24 instead of 2022-23, 2023-24 & 2024-25. All other terms and conditions will remain the same.

Sd/- CDM & PHO-cum-Dist. Mission Director, Dhenkanal

OIPR-10059/11/0015/2526





# ଯାଜପୁର ଜିଲ୍ଲାରେ 'ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ' କାର୍ଯ୍ୟକ୍ରମ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ, ରାଜ୍ୟରେ ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବାସହ ନବସୃଜନର ସମ୍ଭାବନାକୁ ବଢ଼ାଇବା ପାଇଁ ଏମଏସଏମଇ ବିଭାଗ ସହାୟତାରେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା, 'ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ' କାର୍ଯ୍ୟକ୍ରମର ପ୍ରଥମ ଦିନ ଯାଜପୁରର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ବୟନ ଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ ଏହି ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମର ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ କିପରି ଷ୍ଟାର୍ଟଅପର ଗ୍ରୋଥ ହୋଇପାରିବ ସେଥିପ୍ରତି କାର୍ଯ୍ୟରତ ହେବା। ଯୁବକମାନେ କିପରି ନିଯୁକ୍ତି ପଛରେ ନ ଧାଇଁକି ନିଜେ ନିଯୁକ୍ତି ସୃଷ୍ଟି କରି ପାରିବେ ସେଥିପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବାକୁ ସରକାର ସ୍ଥିର କରିଛନ୍ତି। ଏହି କର୍ମଶାଳାରେ ନୂଆ ଯୁବ ପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଯାହାଦ୍ୱାରା ଆଜିର ଯୁବପିଢ଼ି ଷ୍ଟାର୍ଟଅପକୁ ଆଗେଇ ନେବେ ବୋଲି ଆଶା କରାଯାଏ।

ଏହି ଦ୍ୱି-ଦିବସୀୟ କର୍ମଶାଳାର ପ୍ରଥମ ଦିନରେ ଯୋଗଦେଇ ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଷ୍ଟାର୍ଟଅପ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏବଂ କିପରି ଅଧିକ ମାତ୍ରାରେ ଷ୍ଟାର୍ଟଅପ ଓଡ଼ିଶାରେ ପ୍ରତିଷ୍ଠା ହେବ ଏହି ଉଦ୍ଦେଶ୍ୟରେ ହିଁ ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତି ବର୍ଷ ଜାନୁଆରୀ ୧୬ ତାରିଖକୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ରୂପେ ପାଳନ କରାଯାଏ। ପୂର୍ବୋଦୟ ମିଶନରେ ଓଡ଼ିଶାକୁ ସର୍ବଦା ପ୍ରାଧାନ୍ୟ ଦିଆଯାଇଛି। ଏହି ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମରେ ପୂର୍ବୋତ୍ତର ୫ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଜିଲ୍ଲାକୁ ନେଇ ଅନୁଷ୍ଠିତ କରାଯାଇଛି। ଏହି ୨ ଦିନିଆ କର୍ମଶାଳାରେ ଷ୍ଟାର୍ଟଅପ୍ ଉପରେ ବିଭିନ୍ନ ତଥ୍ୟ ଆଲୋଚନା ହେବ। ଏବେ ସୁଦ୍ଧା ଓଡ଼ିଶାରେ ୨୩୦୨ଟି ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ପଞ୍ଜୀକୃତ ହୋଇଛନ୍ତି। ଆଗାମୀ ୫ ବର୍ଷରେ ୫୦୦୦ ଷ୍ଟାର୍ଟଅପ୍ କରିବା ପାଇଁ ସରକାରଙ୍କ ଓ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି।

ଉକ୍ତ କର୍ମଶାଳାରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା। ଯୋଗଦେଇ କହିଲେ ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଷ୍ଟାର୍ଟଅପ ସମ୍ବନ୍ଧିତ ଆକ୍ଟିଭିଟିଜ୍ ଆଗକୁ ନେବା। ଷ୍ଟାର୍ଟଅପ ଓଡ଼ିଶା ଜିଲ୍ଲାସ୍ତରରେ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ଯାଜପୁର ଜିଲ୍ଲାରେ ୫ଟି ପୂର୍ବୋତ୍ତର ଜିଲ୍ଲାକୁ ନେଇ ୨ ଦିନିଆ କର୍ମଶାଳା ଆୟୋଜିତ କରାଯାଇଛି। ଯେଉଁ ଉଦ୍ୟୋଗୀମାନେ ନୂଆ ଆଇଡ଼ିଆ ରଖିଛନ୍ତି କିମ୍ବା କ୍ଷୁଦ୍ର ବ୍ୟବସାୟ ତଥା ଆଇ.ଟି କ୍ଷେତ୍ରରେ କିଛି କରିବା ପାଇଁ ଚାହୁଁଛନ୍ତି ସେମାନେ ଏହି ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ କର୍ମଶାଳା ଦ୍ୱାରା ନିଶ୍ଚୟ ଉତ୍ସାହିତ ହେବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସ୍ୱାଗତ ଭାଷଣ ଦେବା ସହିତ କହିଲେ ଷ୍ଟାର୍ଟଅପ୍ ପାଇଁ ରାଜ୍ୟ ସରକାର ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି। ଏହା ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ।

ଏହି ଅବସରରେ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଆଦି ଜିଲ୍ଲାର ବିଭିନ୍ନ ଷ୍ଟାର୍ଟଅଫ୍ ଯୁବ ଉଦ୍ୟୋଗୀ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ।

# ହସ୍ପିଟାଲରେ ଗଳା କାଟି ରୋଗୀଙ୍କ ଆତ୍ମହତ୍ୟା : ତଦନ୍ତ ଜାରି

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ ଯୋଡ଼ା ଟାଟାଷ୍ଟିଲ ହସ୍ପିଟାଲରେ ଗଳା କାଟି ଜଣେ ରୋଗୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମୃତକ ଯୋଡ଼ା ୭ନଂ ୱାର୍ଡ଼ ଉଲ୍ଲିହଟିଂ ସହିଦନଗର ଅଞ୍ଚଳର ସଞ୍ଜୟ ମୁଣ୍ଡାଙ୍କ ସ୍ତ୍ରୀ ବାଲମା ମୁଣ୍ଡା (୪୨)। ଗୋଡ଼ରେ କାଚ ଫୁଟି ସଂକ୍ରମଣ ଜନିତ ସମସ୍ୟା ଯୋଗୁଁ ୧୦ ତାରିଖରେ ଟାଟା ହସ୍ପିଟାଲର ଫିମେଲ ୱାର୍ଡ଼ର ବେଡ୍ ନଂ୪ରେ ସେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଝିଅ ଆଟେଣ୍ଡାଣ୍ଟ ଭାବରେ ରହିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଝିଅ ଶୋଇଥିବା ବେଳେ ସେ ନିଜର ଗଳା କାଟି ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ତେବେ ଏହି ଘଟଣା ପରେ ଟାଟା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ



ଆସିଛି ସଙ୍ଗୀନ ଅଭିଯୋଗ। ଘଟଣାକୁ ଲୁଚାଇବା ପାଇଁ ପୋଲିସକୁ ନ ଜଣାଇ ଶୁକ୍ରବାର ସକାଳ ପ୍ରାୟ ୬ଟା ୨୦ରେ ମୃତଦେହକୁ ତାଙ୍କ ଘରକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଟାଟାଷ୍ଟିଲ ହସ୍ପିଟାଲରେ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

ପୋଲିସ ହସ୍ପିଟାଲରେ ପହଞ୍ଚି ବଲମା ଥିବା ବେଡର ସରଜମିନ ତଦନ୍ତ କରି ଦେଖିବାକୁ ପାଇଥିଲା ଯେ, ରକ୍ତାକ୍ତ ଚାଦର, ବେଡସିଟ, ତକିଆ ସେ ସ୍ଥାନରେ ନ ଥିଲା। ଏପରିକି ମୃତଦେହ ବାହାର କରିବା ପରେ ରକ୍ତ ଦାଗ ସବୁ ସଫା କରିବା ସହ ବେଡ୍‌କୁ ମଧ୍ୟ ଧୋଇ ଦିଆଯାଇଛି। ଘଟଣା ପ୍ରକଟ ହେବାପରେ ଟାଟାଷ୍ଟିଲ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି। ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି। ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଆଇଆଇସି ସୁଶାନ୍ତ କୁମାର ପ୍ରଧାନ, ବାମେବାରୀ ଆଇଆଇସି ଯସକେତନ ଭୋଇ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଟାଟାଷ୍ଟିଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ସୁଚିସ୍ମିତା ଦାସଙ୍କ ସହିତ ଆଲୋଚନା କରି ରାତ୍ରିକାଳୀନ ଡ୍ୟୁଟିରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ବିଭିନ୍ନ ଦିଗକୁ ଆଧାର କରି ପୋଲିସ ଏହାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି। କେଉଁ ପରିସ୍ଥିତିରେ ପୋଲିସକୁ ନ ଜଣାଇ ମୃତଦେହ ପଠାଗଲା ସେନେଇ ମଧ୍ୟ ତଦନ୍ତ କରାଯିବ ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଏ ନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୨୩/୨୦୨୫ ରୁଜୁ ହୋଇଥିବା ଯୋଡା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

## ନୂଆପଡାରେ ୨୨୧ଟି ଗ୍ରାମକୁ ହର ଘର ଜଲ୍ ଗ୍ରାମ ଭାବେ ଘୋଷଣା କଲେ ପଞ୍ଚାୟତିରାଜ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡିୟମଠାରେ ଶୁକ୍ରବାର ଗ୍ରାମାଞ୍ଚଳର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ଏହି ଅଭିଯାନ ଅନ୍ତର୍ଗତ ୧୩ କୋଟି ୯୯ ଲକ୍ଷ ଟଙ୍କା ମୂଲ୍ୟର ୩୪୬ଟି ନୂତନ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହେବା ସହ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୪ଟି ବ୍ଲକର ୨୨୧ଟି ଗ୍ରାମକୁ 'ହର ଘର ଜଲ୍' ଗ୍ରାମ ଭାବେ ଘୋଷଣା କରିଛନ୍ତି ମନ୍ତ୍ରୀ। ଏହି 'ହର ଘର ଜଲ୍' ମାନ୍ୟତା ଗ୍ରାମୀଣ ଅଞ୍ଚଳରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ସହ, ଜନସ୍ୱାସ୍ଥ୍ୟ ଓ ଜୀବନ ଧାରଣ ମାନ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ଅବସରରେ ଜିଲ୍ଲାପାଳ , ମୁଖ୍ୟ ଉନ୍ନୟନ ଅଧିକାରୀ,, ନୂଆପଡ଼ା, କୋମନା, ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକ ଏବଂ ଆରଡବ୍ଲୁଏସଏସ୍‌ର ବରିଷ୍ଠ ଅଧିକାରୀ ତଥା ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ୨୪ରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ଦିବସ ପାଳିବ କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୪ ତାରିଖ ଦିନ ରାଜ୍ୟ ସାରା କଂଗ୍ରେସ ପାଳନ କରିବ ଶ୍ରଦ୍ଧାଞ୍ଜଳି ଦିବସ। ପିସିସି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏହି ଘୋଷଣା କରିଛନ୍ତି।

୨୪ ତାରିଖରେ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ଶ୍ରାଦ୍ଧ ଦିବସ ଥିବାରୁ ଏହି କାର୍ଯ୍ୟକ୍ରମ ହାତକୁ ନେଇଛି କଂଗ୍ରେସ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ସହ ୮ ବାମ ପନ୍ଥୀ ଦଳ ସାମିଲ ହେବେ। ରାଜ୍ୟରେ ଗତ କିଛି ଦିନରେ ହତ୍ୟା, ଆତ୍ମହତ୍ୟାର ଶିକାର ହୋଇଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହା ପାଳନ ହେବ। ବିଭିନ୍ନ ସ୍ଥାନରେ ମହିଳା କଂଗ୍ରେସ ଏହି ଦିବସ ପାଳନ କରିବ।କଲେଜ, ୟୁନିଭରସିଟିରେ ଦୁଇ ମିନିଟ ପାଇଁ ନିରବ ପ୍ରାର୍ଥନା ସହ ଏହି ଦିବସ ପାଳନ ପାଇଁ ଅପିଲ କରିଛନ୍ତି ପିସିସି ସଭାପତି ।ସେ କହିଛନ୍ତି ନ୍ୟାୟ ମିଳିଲେ ପୀଡିତାଙ୍କ ଆତ୍ମା ଶାନ୍ତି ପାଇବ। ତେଣୁ ଏହି ଦିବସ ପାଳନ କେବଳ ତାଙ୍କୁ ନ୍ୟାୟ ଦେବା ପାଇଁ। ଏହାସହ ସେ ମହିଳା କମିଶନ ଗଠନ ସହ ସୁପ୍ରିମ କୋର୍ଟ ମନିଟରିଂରେ ନ୍ୟାୟିକ ତଦନ୍ତର ଦାବି ଦୋହରାଇଛନ୍ତି। ୨୪ ତାରିଖ ପରେ କଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ସମସ୍ତ ଦଳ ମିଳିତ ବୈଠକ କରି ନିଷ୍ପତି ନେବ ବୋଲି କହିଛନ୍ତି ଭକ୍ତ ।

# ନିର୍ଯାତିତ ମହିଳାଙ୍କ ଲାଗି ସ୍ୱତନ୍ତ୍ର ସେଲ ଖୋଲିବ କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୪ ତାରିଖ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରର ପୀଡ଼ିତା ସୌମ୍ୟାଶ୍ରୀଙ୍କ ଏକାଦଶାହ ଏହି ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବ ଇଣ୍ଡିଆ ମେଣ୍ଟର କଂଗ୍ରେସ ସମେତ ୮ଟି ଦଳ ।ସାରା ରାଜ୍ୟରେ ମହିଳା କଂଗ୍ରେସ ସହିତ ଆଠଟି ଦଳର ମହିଳା ସେଲ ଏହାକୁ ମଧ୍ୟ ପାଳନ କରିବେ। କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି ବାକି ଯେଉଁ ମହିଳା ଓ ଝିଅଙ୍କ ପ୍ରତି ଅଘଟଣ ହୋଇଛି ତାଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯିବ। ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ୨ ମିନିଟ ନୀରବ ପ୍ରାର୍ଥନା ପାଇଁ ନିବେଦନ କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ।

କେଂଗ୍ରେସ ସମେତ ଆଠଟି ଦଳ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଥିଲେ, ସରକାରୀ ସମେତ ସବୁ ବେସରକାରୀ ଅନୁଷ୍ଠାନ ମଧ୍ୟ ୧ ମିନିଟ ନୀରବ ପ୍ରାର୍ଥନା ଲାଗି ଅନୁରୋଧ କରିଛନ୍ତି। ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ ଖୋଲିବ ପିସିସି ।ସେମାନେ ଆପ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ। ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ବଡ ନିଷ୍ପତ୍ତି ହୋଇଥିବା ଭକ୍ତ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଲେ, ସୌମ୍ୟଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ। ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା। ହେଲେ ରାଜ୍ୟ ସରକାର ଶୁଣିନଥିଲେ। ଯେ ପର୍ଯ୍ୟନ୍ତ ଝିଅ ନ୍ୟାୟ ନ ପାଇଛି, ଆନ୍ଦୋଳନ ଜାରି ରହିବ ବୋଲି କଡ଼ାମ କହିଛନ୍ତି।

ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ବସିବ ଇଣ୍ଡିଆ ବ୍ଲକ ବୈଠକ। ଏହି ବୈଠକରେ ଉଠିବ ବାଲେଶ୍ୱର ପୀଡ଼ିତା ପ୍ରସଙ୍ଗ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ। କଂଗ୍ରେସ ଦାବି କରୁଛି, ଏହି ଘଟଣାରେ ନ୍ୟାୟିକ ତଦନ୍ତ ହେଉ। ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ଏବଂ ଏହାକୁ ଉଚ୍ଚତମ ନ୍ୟାୟାଳୟ ଘଟଣାର ତଦାରଖ କରନ୍ତୁ। ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ଭାରତ ଇତିହାସରେ ଏଭଳି ଶାନ୍ତିପୂର୍ଣ୍ଣ ବନ୍ଦ ପ୍ରଥମ। ଆଗାମୀ ଦିନରେ ସମସ୍ତେ ମହିଳା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବେ। ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ କହିଲେ, ଏଭଳି ବନ୍ଦ ପରେ ରାଜ୍ୟ ସରକାରଙ୍କ ନିଜ ପଦରେ ନରହି ତୁରନ୍ତ ଇସ୍ତଫା ଦେବା ଉଚିତ। କ୍ରାଇମ ବ୍ରାଞ୍ଚ ତଦନ୍ତ ନକରି, ନ୍ୟାୟିକ ତଦନ୍ତ ହେଉ। ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର କହିଥିଲେ, ବିଜେପି କର୍ମୀ ମଧ୍ୟ ରାସ୍ତାକୁ ଆସିନଥିଲେ। ସେମାନେ ମଧ୍ୟ ନିଜ ସରକାରକୁ ନୀରବ ଭାବେ ବିରୋଧ କରିଛନ୍ତି।ସମାଜବାଦୀ ପାର୍ଟିର ପ୍ରତାପ ବାରିକ, ବିକ୍ରମ ସ୍ୱାଇଁ ପ୍ରମୁଖ ଦଳ ପକ୍ଷରୁ କୃତଜ୍ଞତା ଜଣାଇଥିଲେ ଥିବା ବେଳେ ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ,ସି ପି ଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସି ପି ଆଇ (ଏମ୍ ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଏବଂ ଆର୍ ଜେ ଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସମେତ ଦୁଷ୍ମନ୍ତ କୁମାର ଦାଶ, ଡ଼ଃ ପ୍ରଶାନ୍ତ ମିଶ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏନ ନାରାୟଣ ରେଡ୍ଡୀ,ଶିଶିର ହୁଇ, ଜୟନ୍ତ ଦାସ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଏହି ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ : ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଟିକେଟ ଯାଞ୍ଚରେ ପ୍ରଭାବଶାଳୀ ଅଭିବୃଦ୍ଧି ରେକର୍ଡ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ (ଏପ୍ରିଲ-ଜୁନ୍) ସମୟରେ ଟିକେଟ ଯାଞ୍ଚ ରାଜସ୍ୱରେ ଏକ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ଏହି ଅଭିବୃଦ୍ଧି ଭଡ଼ା ପାଳନ ସୁନିଶ୍ଚିତ କରିବା ଏବଂ ବୈଧ ଟିକେଟ ସହିତ ଯାତ୍ରା କରିବାର ଗୁରୁତ୍ୱ ବିଷୟରେ ଜନ ସଚେତନତା ବୃଦ୍ଧି କରିବାରେ ରେଳମଣ୍ଡଳର ବର୍ଦ୍ଧିତ ପ୍ରୟାସକୁ ପ୍ରତିଫଳିତ କରୁଅଛି।

୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ମଧ୍ୟରେ ୧.୭୬ ଲକ୍ଷ ଯାତ୍ରୀଙ୍କ ଠାରୁ ଉପଯୁକ୍ତ କିମ୍ବା ବୈଧ ଟିକେଟ ନଥିବା ବାବଦରେ ପ୍ରାୟ ୮.୭୮ କୋଟି ଆଦାୟ କରାଯାଇ ଥିଲା ବେଳେ ୨୦୨୫-୨୬ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଉପଯୁକ୍ତ କିମ୍ବା ବୈଧ ଟିକେଟ ବିନା ଯାତ୍ରା କରୁଥିବା ମୋଟ ପ୍ରାୟ ୧.୯୨ ଲକ୍ଷ ଯାତ୍ରୀଙ୍କ ଠାରୁ ଟିକେଟ ଯାଞ୍ଚ ସମୟରେ ଅନିୟମିତତା ବାବଦରେ ପ୍ରାୟ ୧୦.୭୬ କୋଟି ଜରିମାନା ଏବଂ ଶୁଳ୍କ ଆଦାୟ କରାଯାଇଅଛି। ଏହା ଗତବର୍ଷର ସମାନ ସମୟ ତୁଳନାରେ ଦଣ୍ଡିତ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୧୦% ଏବଂ ରାଜସ୍ୱ ଆଦାୟ କ୍ଷେତ୍ରରେ ୨୨% ବୃଦ୍ଧିକୁ ପ୍ରତିଫଳିତ କରୁଅଛି।

ସଚେତନତା ଏବଂ ବ୍ୟାପକ ଟିକେଟ ଯାଞ୍ଚ ଅଭିଯାନ : ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପରିସୀମା ମଧ୍ୟରେ ବ୍ୟାପକ ଟିକେଟ ଯାଞ୍ଚ କାର୍ଯ୍ୟ ସହ ଯାତ୍ରୀ ସଚେତନତା ଅଭିଯାନ ଆରମ୍ଭ ହେବା ଫଳରେ ଅନୁପାଳନ ଏବଂ ରାଜସ୍ୱ ବୃଦ୍ଧି ପାଇଛି। ନିୟମିତ ଘୋଷଣା, ସାମାଜିକ ଗଣମାଧ୍ୟମ ଏବଂ ଷ୍ଟେସନ ସ୍ତରୀୟ ଅଭିଯାନ ମାଧ୍ୟମରେ ଯାତ୍ରୀମାନଙ୍କୁ ବୈଧ ଟିକେଟ ସହିତ ଯାତ୍ରା କରିବାର ଗୁରୁତ୍ୱ ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ବିଷୟରେ ସଚେତନତା କରାଯାଇଥିଲା।




ସୁଗମ ଏବଂ ପ୍ରଭାବଶାଳୀ ଯାଞ୍ଚ ସୁନିଶ୍ଚିତ କରିବା ପାଇଁ ରେଳ ସୁରକ୍ଷାବଳ (ଆରପିଏଫ) ସହିତ ସମନ୍ୱୟରେ କାର୍ଯ୍ୟ କରି ପ୍ରମୁଖ ଷ୍ଟେସନ ଏବଂ ଅନ ବୋର୍ଡ ଟ୍ରେନଗୁଡ଼ିକରେ ସ୍ୱତନ୍ତ୍ର ଦଳ ନିୟୋଜିତ କରାଯାଇଥିଲା। ଏହି ପ୍ରୟାସଗୁଡ଼ିକ ଟିକେଟ ବିହୀନ ଯାତ୍ରାରେ ଏକ ଦୃଶ୍ୟମାନ ହ୍ରାସ ଆଣିଛି ଏବଂ ସାମଗ୍ରିକ ଯାତ୍ରୀ ଅଭିଜ୍ଞତାକୁ ବୃଦ୍ଧି କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସ୍ୱଚ୍ଛତା ବଜାୟ ରଖିବା, ଯାତ୍ରୀ ସେବାରେ ଉନ୍ନତି ଆଣିବା ଏବଂ ଦାୟିତ୍ୱପୂର୍ଣ୍ଣ ଯାତ୍ରାକୁ ପ୍ରୋତ୍ସାହିତ କରିବାପାଇଁ ପ୍ରତିବଦ୍ଧ। ସମସ୍ତ ଯାତ୍ରୀଙ୍କୁ ଅସୁବିଧା ଏଡ଼ାଇବା ଏବଂ ଅଧିକ ଦକ୍ଷ ରେଳ ବ୍ୟବସ୍ଥାରେ ଯୋଗଦାନ ଦେବା ପାଇଁ ବୈଧ ଯାତ୍ରା କର୍ତ୍ତୃପକ୍ଷଙ୍କ ଅଧିକାର ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।

# ୧୯ ବର୍ଷରେ ପାଦ ଥାପିଲା ସୋଆ, ସମାଜକୁ ଅଧିକ ସେବା ପ୍ରଦାନ ପାଇଁ ରହିଛି ଲକ୍ଷ୍ୟ : କୁଳପତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁଣବତ୍ତା ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଗବେଷଣାକୁ ଅଗ୍ରାଧିକାର ଓ ସର୍ବାଧିକ ଗୁରୁତ୍ୱ ଦେଉଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ୧୮ ବର୍ଷ ପୂରଣ କରି ୧୯ରେ ପାଦ ଥାପିଥିବା ବେଳେ ଭବିଷ୍ୟତରେ ଦେଶର ଆଗଧାଡ଼ିର ଶିକ୍ଷାନୁଷ୍ଠାନ ତାଲିକାରେ ନିଜକୁ ସାମିଲ କରିବାର ଲକ୍ଷ୍ୟ ରଖିଛି।

ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗସ ୨୦୨୪ରେ ସୋଆ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ୧୪ତମ ସ୍ଥାନ ହାସଲ କରିଥିବା ବେଳେ ୟୁଜିସି ପକ୍ଷରୁ କ୍ୟାଟେଗୋରୀ ୱାନ୍‌ର ମାନ୍ୟତା ପାଇଥିବା କହିଛନ୍ତି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। ଶୁକ୍ରବାର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ



ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଫେସର ନନ୍ଦ।

ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ୟୁଜିସି ଆକ୍ଟ ୧୯୫୬ର ଧାରା ୩ ଅନୁଯାୟୀ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା।

ଏକ ନମ୍ର ପ୍ରୟାସରୁ ନିଜର ଯାତ୍ରା ଆରମ୍ଭ କରିଥିବା ସୋଆ ଦୀର୍ଘ ପଥ ଅତିକ୍ରମ କରିସାରିଥିବା ବେଳେ ଗବେଷଣାକୁ ଅଧିକ ମହତ୍ୱ ଦେଉଥିବା ସରକାରୀ ଅନୁଦାନ ସହାୟତାରେ ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟର ୧୧୫ଟି ଗବେଷଣା ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ପ୍ରଫେସର ନନ୍ଦ ପ୍ରକାଶ କରିବା ସହ ଏହାର ୧୮ଟି ବହୁବିଧ ଗବେଷଣା କେନ୍ଦ୍ର ଓ ୬୦ଟି ଲାବୋରେଟୋରୀ କାର୍ଯ୍ୟକ୍ଷମ ଥିବା କହିଛନ୍ତି।

ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ୧୮ ବର୍ଷ ପରେ ସୋଆ ବର୍ତ୍ତମାନ କେଉଁ ବିଷୟବସ୍ତୁ ଉପରେ ଅଧିକ ଗୁରୁତ୍ୱ ଦେବ ସେ ନେଇ ଆତ୍ମଚିନ୍ତନ କରିବାର ସମୟ ଆସିଛି।

କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିବା ବେଳେ ବିଶିଷ୍ଟ ନ୍ୟୁରୋସର୍ଜନ୍ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ କଣ୍ଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମୁନ୍ନା ଦାସ ବକ୍ତବ୍ୟ ରଖିଥିଲେ। ସୋଆ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ଦିବ୍ୟଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁରକ୍ଷା କର୍ମୀଙ୍କ ...

କରୁଥିବା ବେଳେ ୬ ଜଣ ନକ୍ସଲଙ୍କ ଶବ ଉଦ୍ଧାର କରିବା ସହ ଏକେ-୪୭, ଏସଏଲଆର ଭଳି ବନ୍ଧୁକ ଜବତ କରିଥିବା ଜଣାପଡିଛି ।

ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାର ମାଓବାଦୀଙ୍କ ପାଇଁ କଡ଼ା ପଦକ୍ଷେପ ନେଉଥିବା ବେଳେ ଧୀରେ ଧୀରେ କ୍ୟାଡର ମାଓବାଦୀମାନେ ନିଜର ମାନସିକତାରେ ପରିବର୍ତ୍ତନ ଆଣୁଛନ୍ତି ।ସରକାରଙ୍କ ବିଭିନ୍ନ ଯୋଜନାରେ ଆକର୍ଷିତ ହୋଇ ମାଓ ସଂଗଠନର ସଦସ୍ୟମାନେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ମାଲକାନଗିରି ସୀମାନ୍ତ ତେଲେଙ୍ଗାନା ରାଚକୋଣ୍ଡା ପୁଲିସ ନିକଟରେ ଦୁର୍ଦ୍ଦାନ୍ତ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି । ଦୀର୍ଘ ୪୫ ବର୍ଷ ଧରି ସଂଗଠନରେ କାର୍ଯ୍ୟ କରିବା ପରେ ଏବେ ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ କଟାଇବାକୁ ଚିନ୍ତା କରିଛନ୍ତି । ଏମାନେ ହେଲେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଚିବ ତଥା ରାଜ୍ୟ କମିଟି ସଦସ୍ୟ ମାଲା ସଞ୍ଜୀବ ଅରଫ ଲେଙ୍ଗୁ ଦାଦା(୬୨) ଏବଂ ତାଙ୍କ ପତ୍ନୀ ଷ୍ଟେଟ କମିଟି ମେମ୍ବର ପେରାଗୁଡା ପାର୍ବତୀ ଅରଫ ଦୀନା(୫୦)।

## କଟକକୁ ଏକ...

ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଏବଂ ତାହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ କ୍ଷେତ୍ର ରୂପେ ବିକଶିତ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର ଛାତ୍ରୀ...

ସଦସ୍ୟମାନଙ୍କୁ ପଚରାଉଚୁରା କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱାଧୀନ ୩ ଜଣିଆ ଟିମ ସମ୍ପୃକ୍ତ ଆଇସିସି ଟିମ ସଦସ୍ୟଙ୍କ ସମେତ ୩ ଜଣ ଶିକ୍ଷାର୍ଥୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛନ୍ତି ।

ଅନ୍ୟପକ୍ଷରେ ଛାତ୍ରୀ ମୃତ୍ୟୁ ଘଟଣାର କାରଣ ଜାଣିବା ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ମଧ୍ୟ ଏଫଏମ କଲେଜରେ ପହଞ୍ଚିଥିବା ସୂଚନା ମିଳିଛି। ନୂଆଦିଲ୍ଲୀ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ୟୁଜିସି ସଦସ୍ୟ ରାଜ କୁମାର ମିତ୍ତଲଙ୍କ ନେତୃତ୍ୱାଧୀନ ଟିମରେ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜୁରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିର୍ଜା ଗୁପ୍ତ ଓ ୟୁଜିସିର ଯୁଗ୍ମ ସଚିବ ଡଃ ଅସୀମା ମଙ୍ଗଳା ସଦସ୍ୟ ଅଛନ୍ତି । ୟୁଜିସି ଟିମ ତଥ୍ୟ ସଂଗ୍ରହ କରି ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବେ। ସୂଚନା ଅନୁଯାୟୀ, ଏଫଏମ କଲେଜରେ ପୂର୍ବରୁ ଅଭିଯୋଗ କମିଟି ଗଠନ ହୋଇଥିଲା କି ନାହିଁ, ଘଟଣା ଘଟିବାର କାରଣ ଓ ଅନ୍ୟାନ୍ୟ ଦିଗ ଉପରେ ତଥ୍ୟ ସଂଗ୍ରହ କରିବ ୟୁଜିସି ଟିମ୍।

## ୨୦ରେ ସର୍ବଦଳୀୟ...

ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଉଭୟ ସଦନର ଫ୍ଲୋର ଲିଡରମାନଙ୍କୁ ଆମନ୍ତ୍ରିତ କରାଯାଇଛି। ବୈଠକର ଅଧକ୍ଷତା କରିବେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ । ବୈଠକରେ ସରକାର ସମସ୍ତ ଦଳ ସମ୍ମୁଖରେ ଆଗାମୀ ମୌସୁମୀ ଅଧିବେଶନ ଏଜେଣ୍ଡା ପ୍ରସ୍ତୁତ କରିବେ।

# ଅବହେଳିତ ଅବସ୍ଥାରେ ବିଏମସିର ସହରତଳି ଅଞ୍ଚଳ ଅବହେଳିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହର ଭିତରେ ଥିଲେ ମଧ୍ୟ ମହାନଗର ନିଗମ ଅନ୍ତର୍ଗତ ନଥିବା ଯୋଗୁଁ ଅନେକ ଅଞ୍ଚଳରେ ମୌଳିକ ସମସ୍ୟା ଲାଗି ରହୁଛି। ବିଶେଷ କରି ରାସ୍ତାଘାଟ ଏବଂ ସଫେଇ ଦିଗରେ ବ୍ରହ୍ମପୁର ମହାନଗର ନିଗମ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ। ସେହିଭଳି ବ୍ଲକ୍ ପ୍ରଶାସନ ମଧ୍ୟ ନିଜ ଦାୟିତ୍ୱ ଠାରୁ ଦୂରେଇ ଯାଉଛନ୍ତି। ଏହା ଫଳରେ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଅଞ୍ଚଳ ହେଲା ବ୍ରଜନଗର। ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବ୍ରଜନଗର ରହିଥିଲେ ମଧ୍ୟ କୁକୁଡ଼ାଖଣ୍ଡି ବ୍ଲକ୍ ଅଧୀନରେ ଆସୁଥିବା ଯୋଗୁଁ ଏଠାରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କ୍ରମବର୍ଦ୍ଧିଷ୍ଣୁ ସହରର ଲୋକସଂଖ୍ୟା ଯେତିକି ବଢୁଛି, ପରିସୀମା ମଧ୍ୟ ବଢ଼ି ଚାଲିଛି ସହରର ନବକଳେବର ହେଉଛି। ନୂଆ ନୂଆ ସାହି ଯୋଡ଼ି ହେଉଛି। ବିଶେଷ କରି ସହର ଉପକଣ୍ଠ ଗତ କିଛି ବର୍ଷ ଭିତରେ ଅନେକ ମାତ୍ରାରେ ପରିବର୍ଦ୍ଧିତ ହୋଇଛି। କିନ୍ତୁ ସେହିସବୁ ଅଞ୍ଚଳଗୁଡ଼ିକ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହୋଇପାରିନାହିଁ। ଏନେଇ ବର୍ଷ ବର୍ଷ ହେଲା ଆନ୍ଦୋଳନ ଚାଲିଛି। ଅନ୍ୟପଟେ ବ୍ଲକ୍ ଏବଂ ମହାନଗର ନିଗମ ପ୍ରଶାସନର ସୀମା ବିବାଦ ଭିତରେ ଅଂଚଳବାସୀ ଏକ ପ୍ରକାର ଫଶି ଯାଇଛନ୍ତି। ବ୍ରଜନଗର ଅଞ୍ଚଳ ଗତ କିଛି ବର୍ଷ ଭିତରେ ଏହାର ପରିସୀମା



ବୃଦ୍ଧି କରିପାରିଛି। ଲୋକ ସଂଖ୍ୟା ବଢୁଛି। କିନ୍ତୁ ପୂର୍ବଭଳି ଏହା କୁକୁଡ଼ାଖଣ୍ଡି ବ୍ଲକ୍‌ର ଲୋଚାପଡ଼ା ପଞ୍ଚାୟତ ଅଧୀନରେ ରହିଛି। ତେବେ ପଞ୍ଚାୟତ ଅଧୀନରେ ଆସୁଥିବା ଯୋଗୁଁ ସାହିରେ ରାସ୍ତାଘାଟ ଏବଂ ସଫେଇ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଣେ ଯୁଆଡ଼େ ଦେଖି ଖାଲି କୁଢ଼ କୁଢ଼ ଆବର୍ଜନା ଗଦା ହେବାରେ ଲାଗିଛି। ସାହି ସାହିରେ ଅଳିଆ। ବ୍ଲକ୍ ପ୍ରଶାସନ ତରଫରୁ ସଫେଇକୁ ଗୁରୁତ୍ୱ ଦିଆଯାଉନାହିଁ। ସହରରେ ଯେଉଁ କେତେକ ଜାଗା ଖାଲି ପଡ଼ିଛି ସେଠାରେ ଆବର୍ଜନା ଗଦା ହୋଇଛି। ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ବର୍ଷା ଜଳରେ ଆବର୍ଜନାଗୁଡ଼ିକ ପଚିଯାଉଛି। ଦୁର୍ଗନ୍ଧରେ ଘରେ ରହିବା କଷ୍ଟକର ହୋଇପଡୁଛି। ଆବର୍ଜନା ଯୋଗୁଁ ମଶା ମାଛିଙ୍କ ସଂଖ୍ୟା ବୃଦ୍ଧି ହେଉଛି। ଅଞ୍ଚଳବାସୀ ମେଲେରିଆ ଏବଂ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିଭଳି ଏହି ଅଞ୍ଚଳରେ ଅନେକ ଖାଲି ଜାଗା ମଧ୍ୟ ରହିଛି। ସେଗୁଡ଼ିକ ଖାଲ ଜାଗା ହୋଇଥିବା ଯୋଗୁଁ ବର୍ଷା ଜଳ ଏବଂ ନର୍ଦ୍ଦମା ଜମି ରହୁଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। କେବଳ ସଫେଇ ନୁହଁ, ରାସ୍ତାଘାଟ ମଧ୍ୟ ଅଞ୍ଚଳର ଏକ ପ୍ରମୁଖ ସମସ୍ୟା। ଏସବୁ ସମସ୍ୟାର ସମାଧାନ ଏବଂ ମୌଳିକ ସୁବିଧା ଯୋଗାଣ ପାଇଁ ଅଞ୍ଚଳକୁ ମହାନଗର ନିଗମରେ ସାମିଲ କରିବାକୁ ଗୁରୁତ୍ୱ ଦେଉଛନ୍ତି ଅଞ୍ଚଳବାସୀ। ବିଳମ୍ବ ହେଲେ ମଧ୍ୟ ମହାନଗର ନିଗମରେ ଏସବୁ ଅଞ୍ଚଳକୁ ମିଶ୍ରଣ ପାଇଁ ଉଦ୍ୟମ ହୋଇଛି। ଲୋଚାପଡ଼ା ପଞ୍ଚାୟତ ତରଫରୁ ସଂକଳ୍ପ ପତ୍ର ଗୃହୀତ ହେବା ପରେ ବ୍ରହ୍ମପୁର ମହାନଗର ନିଗମର ସ୍ୱତନ୍ତ୍ର ବୈଠକରେ ମଧ୍ୟ ଏହାକୁ ମଞ୍ଜୁର ମିଳିଛି। ବର୍ତ୍ତମାନ ମିଶ୍ରଣ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ତରଫରୁ ପଠାଯିବ। ସରକାରଙ୍କ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ମହାନଗର ନିଗମରେ ମିଶ୍ରଣ ପରେ ସଫେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

ଭୁବନେଶ୍ୱର
୧୯ ଜୁଲାଇ,
ଶନିବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ବିହାରକୁ ୭୨୧୭କୋଟିର ପ୍ରକଳ୍ପ ଭେଟି ଦେଲେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ, ୧୮।୭**

ବିହାରରେ ଆଗକୁ ହେବ ବିଧାନସଭା ନିର୍ବାଚନ। ଏହା ପୂର୍ବରୁ ବିଭିନ୍ନ ଦଳର ନେତାମାନେ ସେଠାକୁ ଯାଇ ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି। ଏହି ଧାରାରେ ଶୁକ୍ରବାର ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋତିହାରୀ ଜିଲ୍ଲା ଗସ୍ତ କରିଥିଲେ। ୭୨୧୭ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବା ସହ ଗାନ୍ଧୀ ମୈଦାନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଏହି ସମୟରେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ ମଞ୍ଚରେ ଉପସ୍ଥିତ ଥିଲେ।

ଜନସଭାକୁ ସମ୍ବୋଧିତ କରି ମୋଦୀଜୀ କହିଥିଲେ ଯେ, ପୂର୍ବ ଭାରତକୁ ଆଗକୁ ନେବା ପାଇଁ ଆମକୁ ବିହାରକୁ ଏକ ବିକଶିତ ବିହାର କରିବାକୁ ହେବ। ଆପଣମାନେ ଏହି ଭୂମିକୁ ଆରଜେଡି ଏବଂ କଂଗ୍ରେସର ଶିକୁଳିରୁ ମୁକ୍ତ କରିଛନ୍ତି, ଅସମ୍ଭବକୁ ସମ୍ଭବ କରିଛନ୍ତି। ଏହାର ଫଳସ୍ୱରୂପ, ଆଜି ବିହାରରେ ଗରିବ କଲ୍ୟାଣ ପାଇଁ ଯୋଜନାଗୁଡ଼ିକ



ସିଧାସଳଖ ଗରିବଙ୍କ ପାଖରେ ପହଞ୍ଚିପାରୁଛି। ଗତ ୧୧ବର୍ଷ ମଧ୍ୟରେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଦେଶର ଗରିବଙ୍କ ପାଇଁ ୪କୋଟିରୁ ଅଧିକ ଘର ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୬୦ଲକ୍ଷ ଘର କେବଳ ବିହାରରେ ନିର୍ମିତ ହୋଇଛି। ମୋତିହାରୀ ଜିଲ୍ଲାରେ ପ୍ରାୟ ୩ଲକ୍ଷ ଗରିବ ପରିବାରଙ୍କୁ ପକ୍କା ଘର ମିଳିଛି ଏବଂ ଏହି ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି।

ସେ ଆହୁରି କହିଥିଲେ ଯେ, ଆରଜେଡି ଏବଂ କଂଗ୍ରେସର ଶାସନ ସମୟରେ ଗରିବଙ୍କ ପାଇଁ ଏପରି ପକ୍କା ଘର ପାଇବା ଅସମ୍ଭବ ଥିଲା। ହେଲେ ଆଜି ବିହାର ଆଗକୁ ବଢୁଛି। ଏହା ପଛରେ ସବୁଠାରୁ ବଡ଼ ଶକ୍ତି ହେଉଛି ବିହାରର ମା' ଏବଂ ଭଉଣୀମାନେ। ବିହାରର ମା' ଏବଂ ଭଉଣୀମାନେ ଏନଡିଏ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତି। ଆଜି ବିହାରରେ କାମ ଏତେ ଦ୍ରୁତ ଗତିରେ ହେଉଛି। କାରଣ କେନ୍ଦ୍ର ଏବଂ ରାଜ୍ୟରେ ବିହାର ପାଇଁ କାମ କରୁଥିବା ସରକାର ରହିଛି।

## ଏଫ୍‌ଏମ୍ ଘଟଣା ପରେ ଆକ୍ସନ ମୋଡ୍‌ରେ ସରକାର

# ସନ୍ଧ୍ୟା ପରେ ବାହାରକୁ ବାହାରିବେନି ରେଭେନ୍ସା ଛାତ୍ରଛାତ୍ରୀ

**କଟକ, ୧୮।୭:ନ୍ୟୁଜ୍‌ବ୍ୟୁରୋ**

ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ପରେ ମହିଳା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂଆ ନିଷ୍ପତ୍ତି ନିଆଯାଇଛି। ଅପରାହ୍ନ ସାଢ଼େ ୫ଟା ପରେ କୌଣସି ମହିଳା କର୍ମଚାରୀ କିମ୍ବା ରିସର୍ଚ୍ଚର ଅଫିସରେ କାମ କରିବେ ନାହିଁ। ଅତି ଜରୁରୀ ସ୍ଥିତିରେ



ବିଭାଗୀୟ ମୁଖ୍ୟଙ୍କ ଅନୁମତି ନେଇ କାମ କରିପାରିବେ। ଗୁରୁବାର ରେଭେନ୍ସା ଆଣ୍ଟି ର୍ୟାଗିଂ କମିଟି ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ଆଣ୍ଟି ର୍ୟାଗିଂ କମିଟି, ଆଣ୍ଟି ର୍ୟାଗିଂ ସ୍କ୍ୱାର୍ଡ, ଆଣ୍ଟି ର୍ୟାଗିଂ ସେଲ୍ ରହିବ। ନୂଆ ନିୟମ ଅନୁଯାୟୀ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସନ୍ଧ୍ୟା ୫.୩୦ ପରେ ମହିଳା କର୍ମଚାରୀ ଓ ଛାତ୍ରୀ କେହି ଯାଇ ପାରିବେନି କ୍ୟାମ୍ପସ ବାହାରକୁ। ନୂତନ ଏସ୍‌ଓପି ନ ଆସିବା ଯାଏଁ ଏହି ଗାଇଡ ଲାଇନ ମାନିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର। ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାରେ ସରକାର ଏବେ ଆଲର୍ଟ ମୋଡ୍‌ରେ। ବିଶେଷ କରି ମହିଳାଙ୍କ ସୁରକ୍ଷାକୁ ଦିଆଯାଇଛି ଗୁରୁତ୍ୱ।



ଭୁବନେଶ୍ୱର : 'ଓଡ଼ିଶା ଏନର୍ଜି ଟ୍ରାଞ୍ଜିସନ ପଲିସି' ସଂକ୍ରାନ୍ତ କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ (ଫଟୋ : ସମ୍ବାଦ କଳିକା)

# ୫ ବର୍ଷରେ ୧୩୪ ପଳାତକଙ୍କୁ ଫେରାଇ ଆଣିଛି ସିବିଆଇ

**ନୂଆଦିଲ୍ଲୀ, ୧୮।୭**

ସିବିଆଇ ଗତ ପାଞ୍ଚ ବର୍ଷ ମଧ୍ୟରେ ବିଦେଶରୁ ୧୩୪ ଜଣ ପଳାତକଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛି, ଯାହା କି ୨୦୧୦ରୁ ୨୦୧୯ ମଧ୍ୟରେ ସମଗ୍ର ଦଶନ୍ଧି ମଧ୍ୟରେ ପ୍ରତ୍ୟାର୍ପିତଙ୍କ ସଂଖ୍ୟାଠାରୁ ପ୍ରାୟ ଦୁଇଗୁଣ। ଇଣ୍ଟରପୋଲ ସହିତ ବିଭିନ୍ନ ଦେଶ ଓ କେନ୍ଦ୍ରୀୟ ପ୍ରବର୍ତ୍ତନ ଏଜେନ୍ସିମାନଙ୍କ ସହ ସମନ୍ୱୟ ରକ୍ଷା କରି ସିବିଆଇ ୨୦୨୦ରୁ ଏହି ୧୩୪ ଜଣ ପଳାତକଙ୍କୁ ପ୍ରତ୍ୟାର୍ପଣ କରାଇବାରେ ସକ୍ଷମ ହୋଇଛି। ସେଥିମଧ୍ୟରୁ ୨୩ ଜଣଙ୍କୁ ଚଳିତ ବର୍ଷ ଫେରାଇ ଅଣାଯାଇଛି। ଅପରପକ୍ଷରେ ୨୦୧୦ରୁ ୨୦୧୯ ଦଶନ୍ଧି ମଧ୍ୟରେ ମାତ୍ର ୭୪ ଜଣ ପଳାତକଙ୍କୁ ଫେରାଇ ଅଣାଯାଇଥିଲା। ସଫଳତା ହାରରେ ବୃଦ୍ଧି ପାଇଁ ସରକାରଙ୍କ କୂଟନୈତିକ ଯୋଗାଯୋଗ ବୃଦ୍ଧି, ଭିଭିଆଇପି ଗସ୍ତ, ଦ୍ୱିପାକ୍ଷିକ ସମ୍ପର୍କ, ବୈଷୟିକ ଉନ୍ନତି ଓ ଇଣ୍ଟରପୋଲ ସହ ଉନ୍ନତ ସମନ୍ୱୟ ପ୍ରମୁଖ କାରଣ ବୋଲି ଅଧିକାରୀମାନେ କହିଛନ୍ତି। ଇଣ୍ଟରପୋଲ ଦ୍ୱାରା ରେଡ୍ ନୋଟିସ୍ ଜାରି କରିବା, ପଳାତକଙ୍କୁ ଠାବ କରିବା ଏବଂ ଆଇନଗତ ଓ କୂଟନୈତିକ ପ୍ରକ୍ରିୟାରେ ପ୍ରତ୍ୟାର୍ପଣ ଏସବୁ ସମୟ ସାପେକ୍ଷ ପ୍ରକ୍ରିୟା। ଇଣ୍ଟରପୋଲ ପକ୍ଷରୁ ରେଡ୍ ନୋଟିସ୍ ଜାରି କରିବା ପାଇଁ ସମସ୍ତ ୧୯୫ଟି ଦେଶକୁ ପଳାତକ ୱାଣ୍ଟେଡ ବିଷୟରେ ସତର୍କ କରାଇବା ଆବଶ୍ୟକ। ଏହି ସମୟ ହ୍ରାସ କରିବା ପାଇଁ ସିବିଆଇ ଜାନୁଆରୀରେ ଏହାର ଡିଜିଟାଲ



ପୋର୍ଟାଲ ଭାରତପୋଲ ଆରମ୍ଭ କରିଥିଲା। ଫଳରେ ରେଡ୍ ନୋଟିସ୍ ପ୍ରକାଶ ପାଇଁ ହାରାହାରି ସମୟ ୬ ମାସରୁ ୩ ମାସକୁ ହ୍ରାସ ପାଇଛି।

ପଳାତକଙ୍କୁ ଫେରାଇ ଆଣିବାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଭୂମିକା, ବିଶେଷ କରି ରାଷ୍ଟ୍ରଦୂତ ଓ ହାଇକମିଶନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ସମନ୍ୱିତ ପ୍ରୟାସର ଏକ ଉଲ୍ଲେଖନୀୟ ସଫଳତା ହେଉଛି ଆମେରିକାରେ ନେହଲ ମୋଦୀଙ୍କୁ ଗିରଫ କରିବା। ନେହଲ ହେଉଛନ୍ତି ନିରବ ମୋଦୀଙ୍କ ଭାଇ, ଯିଏ କି ବର୍ତ୍ତମାନ ବ୍ରିଟେନରେ ବନ୍ଦୀ ଅଛନ୍ତି ଏବଂ ଭାରତକୁ ପ୍ରତ୍ୟାର୍ପଣ ଅପେକ୍ଷାରେ ଅଛନ୍ତି। ନିରବ ମୋଦୀ ତାଙ୍କ ମାମୁ ମେହୁଲ ଚୋକ୍ସିଙ୍କ ସହ ମିଶି ଜାଲ୍ ଲେଟର ଅଫ ଅଣ୍ଡରଟେକିଂ ଜରିଆରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୧୩ ହଜାର କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ନେହଲଙ୍କ ପ୍ରତ୍ୟାର୍ପଣ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ନିରବ ମୋଦୀ ଓ ମେହୁଲ ଚୋକ୍ସି ଯଥାକ୍ରମେ ଲଣ୍ଡନ ଓ ଆଣ୍ଟୱର୍ପରେ ହାଜତରେ ଥିବା ବେଳେ ସେଠାକାର ଅଦାଲତ ଏକାଧିକ ଜାମିନ ଆବେଦନ ଖାରଜ କରିଦେଇଛନ୍ତି। ଗତ ସପ୍ତାହରେ ସିବିଆଇ ୧୯୯୯ରେ ଆମେରିକା ପଳାଇଥିବା ଜଣେ ଅର୍ଥନୈତିକ ଅପରାଧୀକୁ ସଫଳତାର ସହ ପ୍ରତ୍ୟାର୍ପଣ କରାଇଥିଲା।

୨୦୨୫ ମସିହାରେ ୟୁଏଇରୁ ଅନେକ ଅପରାଧୀଙ୍କୁ ଫେରାଇ ଅଣାଯାଇଛି, ଯେଉଁଥିରେ ମୁମ୍ବାଇ ପୁଲିସ ଦ୍ୱାରା ୱାଣ୍ଟେଡ ଡ୍ରଗ୍ସ ଚୋରା ଚାଲାଣକାରୀ ତାହେର ସଲିମ ଦୋଲାଇସ, ଗୁଜରାଟର ୱାଣ୍ଟେଡ ଠକ। ପବନ ଜୈନ, ଜାତୀୟ ତଦନ୍ତକାରୀ ଏଜେନ୍ସି ଦ୍ୱାରା ୱାଣ୍ଟେଡ ନକଲି ନୋଟ ଚୋରା ଚାଲାଣକାରୀ ମୋଇଦୀନାବା ଉମେର ବେରି ଏବଂ କେରଳ ପୁଲିସ ଦ୍ୱାରା ୱାଣ୍ଟେଡ ସୁହେଲ ବଶିର ସାମିଲ ଥିବା ଜଣାପଡ଼ିଛି।

## ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

# ୨୧ରେ କଟକ, ସମ୍ବଲପୁର ଓ ବ୍ରହ୍ମପୁର ଆରଡିସି ଅଫିସ୍ ଆଗରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର, ୧୮।୭**
**ନ୍ୟୁଜ୍‌ବ୍ୟୁରୋ**

ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣାରେ ତାଙ୍କ ମୃତ୍ୟୁ ପାଇଁ ବ୍ୟବସ୍ଥାଗତ ବିଫଳତାକୁ ଦାୟି କରି ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁଜନତା ଦଳ ତରଫରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଆସନ୍ତା ୨୧ ତାରିଖରେ ଦଳ ତରଫରୁ ରାଜ୍ୟର ସମସ୍ତ ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ଶୁକ୍ରବାର ଦଳ ତରଫରୁ ସୂଚନା ଦିଆଯାଇଛି।



ଶଙ୍ଖଭବନ ଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଆରଡିସି ଅଫିସ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ସେ କହିଥିଲେ, ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁଜନତା ଦଳ ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି। ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା ବେଳେ ତା' ପରଦିନ ସକାଳୁ ଅର୍ଥାତ ଜୁଲାଇ ୧୫ ତାରିଖ ଦିନ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୬ ତାରିଖ ଦିନ ବିଜୁଜନତା ଦଳ ତରଫରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ଯାଏଁ ବିଜୁ ଜନତା ଦଳ ଏହି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଶ୍ରୀ ମିଶ୍ର କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମ ବୁଦ୍ଧ ଦାସ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ।

# ଭାରତରେ ତିଆରି ହେବ ଷ୍ଟିଲ୍ ଯୁଦ୍ଧ ବିମାନ ଇଞ୍ଜିନ

**ନୂଆଦିଲ୍ଲୀ, ୧୮।୭**

ଭାରତରେ ତିଆରି ହେବ ଷ୍ଟିଲ୍ ଯୁଦ୍ଧ ବିମାନର ଇଞ୍ଜିନ। ଏ ନେଇ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଖୁବଶୀଘ୍ର ଏକ ପ୍ରତିରକ୍ଷା ଚୁକ୍ତି ହେବାକୁ ଯାଉଛି। ପ୍ରାୟ ୬୧ ହଜାର କୋଟି ଟଙ୍କା ବିନିମୟରେ ଫ୍ରାନ୍ସ ସହିତ ୧୨୦ କିଲୋନ୍ୟୁଟନ (କେଏନ) ଜେଟ୍ ଇଞ୍ଜିନ ବିକଶିତ କରିବାକୁ ଯୋଜନା ରହିଛି। ଏହି ଇଞ୍ଜିନ ଆଡଭାନ୍ସ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମସିଏ) ଏବଂ ଭବିଷ୍ୟତର ଅନ୍ୟାନ୍ୟ ଯୁଦ୍ଧ ବିମାନ ପାଇଁ ତିଆରି ହେବ।

ଏଏମସିଏ ଭାରତର ପଞ୍ଚମ ପିଢ଼ିର ଷ୍ଟିଲ୍‌ଥ ବା ଗୁପ୍ତ ଯୁଦ୍ଧ ବିମାନ, ଯାହାକୁ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ) ଦ୍ୱାରା ଡିଜାଇନ ଏବଂ ବିକଶିତ କରାଯାଉଛି। ଏହି ଯୁଦ୍ଧ ବିମାନ ଶତ୍ରୁପକ୍ଷର ରାଡାରରେ ଆସିବ ନାହିଁ। ସେହିପରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ(ହାଲ) ଦ୍ୱାରା ଇଣ୍ଡିଆନ ମଲ୍ଟିରୋଲ ହେଲିକପ୍ଟର (ଆଇଏମଆରଏଚ) ନିର୍ମାଣ କରାଯାଉଛି।



ଭାରତ ନିଜର ଯୁଦ୍ଧ ବିମାନ ଏବଂ ହେଲିକପ୍ଟର ପାଇଁ ଇଞ୍ଜିନ ତିଆରି କରିବାରେ ଆତ୍ମନିର୍ଭର ହେବାକୁ ଚାହୁଁଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଇଞ୍ଜିନ ବିଦେଶରୁ ମଗାଯାଉଛି। ଫ୍ରାନ୍ସ ସହିତ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନର ବାଟ ବାହାର କରାଯାଉଛି। ଉଭୟ ଦେଶ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ଏବଂ ଆଇଏମଆରଏଚ ପାଇଁ ଶକ୍ତିଶାଳୀ ଇଞ୍ଜିନ ନିର୍ମାଣ କରିବାର ଯୋଜନା କରୁଛନ୍ତି। ତେଣୁ ଦୁଇ ଦେଶ ମଧ୍ୟରେ ଏକ ବଡ଼ ପ୍ରକଳ୍ପର ଚୁକ୍ତି ହେବାକୁ ଯାଉଛି।

# ୯ କୋଟି ଟଙ୍କାର ଗଞ୍ଜେଇ ଜବତ

**ସୁବର୍ଣ୍ଣପୁର, ୧୮।୭:ନ୍ୟୁଜ୍‌ବ୍ୟୁରୋ**

ତରଭା ପୁଲିସକୁ ଶୁକ୍ରବାର ମିଳିଛି ବଡ ସଫଳତା। ତରଭା ଥାନା ଅନ୍ତର୍ଗତ ମେଣ୍ଢା ଫାଣ୍ଡି ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ପୁଲିସ ଗୋଡାଇ ଗୋଡ଼ାଇ ଧରିବା ସହ ପ୍ରାୟ ୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯ କୋଟି ଟଙ୍କା ହେବ। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କଣ୍ଟାପୋଲରୁ ଏକ ଗଞ୍ଜେଇ ଭର୍ତ୍ତି ପିକ୍‌ଅପ ଭ୍ୟାନକୁ ପୁଲିସ ପିଛା କରି ଏହାକୁ କାବୁ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି।

# ଆସୁଛି ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୧୮।୭**
**ନ୍ୟୁଜ୍ ବ୍ୟୁରୋ**

ଆସୁଛି ଆଉ ଏକ ଲଘୁଚାପ। ଆସନ୍ତା ୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି । ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ମିଳିଛି।

ସେହିପରି ଆହୁରି ୫ ଦିନ ବର୍ଷା ଲାଗି ରହିବା ନେଇ ପାଣିପାଗ



ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରବଳ ବର୍ଷା ପାଇଁ ଶୁକ୍ରବାର ୨୨ ଜିଲ୍ଲାକୁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବ। ୧୯ ତାରିଖରେ ରାୟଗଡା, କୋରାପୁଟ, କଳାହାଣ୍ଡି, କନ୍ଧମାଳ ଓ ଗଜପତିର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଓ କୋରାପୁଟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

# ଛତିଶଗଡରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟଙ୍କୁ ଗିରଫ କଲା ଇଡି

**ରାୟପୁର, ୧୮।୭**

ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟ ବଘେଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ଏହି କାର୍ଯ୍ୟାନୁଷ୍ଠାନ ମଦ ଘୋଟାଲା ସହିତ ସଂପୃକ୍ତ ମନି ଲଣ୍ଡରିଂ ମାମଲା ଅନ୍ତର୍ଗତ ନିଆଯାଇଛି। ଇଡି ଶୁକ୍ରବାର ସକାଳୁ ଭୂପେଶ ବଘେଲ ଓ ତାଙ୍କ ପୁଅ ଚୈତନ୍ୟଙ୍କ ଠିକଣା ଉପରେ ରେଡ୍ କରିଥିଲା ।

# ସିବିଏସ୍‌ଇ ନୂତନ ନିର୍ଦ୍ଦେଶନାମା : ଏବେ ସବୁ ସ୍କୁଲରେ ଲଗାଯିବ 'ଅଏଲ୍ ବୋର୍ଡ'

**ନୂଆଦିଲ୍ଲୀ, ୧୮।୭**

ନୂତନ ନିର୍ଦ୍ଦେଶନାମା ଜାରି କରିଛି ସିବିଏସଇ। ଏହି ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏବେ ସବୁ ସ୍କୁଲରେ 'ଅଏଲ୍ ବୋର୍ଡ' ଲଗାଯିବ। ସ୍କୁଲଗୁଡ଼ିକ ସେମାନଙ୍କର ସୁବିଧା ଏବଂ ସୃଜନଶୀଳତା ଅନୁସାରେ, ଏହି ବୋର୍ଡଗୁଡ଼ିକୁ ଡିଜାଇନ୍ କରିପାରିବେ। ଯାହାଦ୍ୱାରା ପିଲାମାନେ ସହଜରେ ବୁଝି ପାରିବେ ଯେ ସୁସ୍ଥ ଖାଦ୍ୟ କାହିଁକି ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ। ଏବେ ସମସ୍ତ ସରକାରୀ ଡକ୍ୟୁମେଣ୍ଟରେ ମୋଟାପଣ ହ୍ରାସ ସମ୍ପର୍କିତ ବାର୍ତ୍ତା ଉଲ୍ଲେଖ ରହିବ। ଜଙ୍କଫୁଡ୍ ଅପେକ୍ଷା ପୁଷ୍ଟିକର ଖାଦ୍ୟକୁ ଦିଆଯିବ ପ୍ରାଥମିକତା। ଏଥିସହ ନିୟମିତ ବ୍ୟାୟାମକୁ ପ୍ରୋତ୍ସାହିତ କରାଯିବ। ଏହି ବୋର୍ଡଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖାଦ୍ୟରେ ତେଲର ପରିମାଣ ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ସ୍କୁଲ ପିଲାମାନଙ୍କ ମଧ୍ୟରେ ବଢୁଥିବା ମୋଟାପଣ ସମସ୍ୟାକୁ ଦୃଷ୍ଟିରେ ରଖି ସିବିଏସଇ ଏହି



ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ, ସିବିଏସଇ ଅନୁବନ୍ଧିତ ସ୍କୁଲଗୁଡ଼ିକର ପ୍ରଧାନଶିକ୍ଷକମାନଙ୍କ ପାଇଁ ନିର୍ଦ୍ଦେଶ ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ ସ୍କୁଲ ସାଧାରଣ ଅଞ୍ଚଳରେ ଡିଜିଟାଲ ପୋଷ୍ଟର ସହିତ ବୋର୍ଡ ଲଗାଇବା ଉଚିତ୍, ଯାହା ଖାଦ୍ୟ ତେଲର ଅତ୍ୟଧିକ ବ୍ୟବହାର ଦ୍ୱାରା ହେଉଥିବା କ୍ଷତି ବିଷୟରେ ବ୍ୟାଖ୍ୟା କରିବ । ସମସ୍ତ ସରକାରୀ ଡକ୍ୟୁମେଣ୍ଟ, ନୋଟପ୍ୟାଡ୍, ଲେଟରହେଡ୍ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟରେ ସୁସ୍ଥ ଜୀବନଶୈଳୀ ସହିତ ଜଡ଼ିତ ବାର୍ତ୍ତା ଛାପିବାକୁ ସିବିଏସଇ ଅନୁବନ୍ଧିତ ସ୍କୁଲଗୁଡ଼ିକର ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛି । ଏହା ମୋଟାପଣ ବିରୁଦ୍ଧରେ ଲଢ଼ିବାରେ ସାହାଯ୍ୟ କରିବ।

ସିବିଏସଇ ତା'ର ନିର୍ଦ୍ଦେଶାବଳୀରେ କହିଛି ଯେ, ସ୍କୁଲଗୁଡ଼ିକ ପିଲାମାନଙ୍କୁ ସିଡ଼ି ଚଢ଼ିବାକୁ ଏବଂ ଚାଲିବାକୁ ଉତ୍ସାହିତ କରିବା ଉଚିତ୍। ସ୍କୁଲ ପିଲାମାନଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟ ଏବଂ ବ୍ୟାୟାମକୁ ପ୍ରୋତ୍ସାହିତ କରିବା, ଜଙ୍କଫୁଡ୍ ହ୍ରାସ କରିବା ଏବଂ ପୁଷ୍ଟିକର ଖାଦ୍ୟ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ସିବିଏସଇ ନିର୍ଦ୍ଦେଶ ଦେଇଛି। ଏଥିସହ ସିବିଏସଇ ସ୍କୁଲଗୁଡ଼ିକରେ ସୁଗାର ବୋର୍ଡ ଲଗାଯାଉଛି, ଯେଉଁଥିରେ ଚିନିର ବ୍ୟବହାର ବିଷୟରେ ସୂଚନା ଦିଆଯାଉଛି ।

ସିବିଏସଇ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ କହିଛି ଯେ, ଦେଶରେ ସ୍ଥୁଳତା ବୃଦ୍ଧି ପାଉଛି ଏବଂ ପ୍ରତି ୫ ଜଣରେ ଜଣେ ମେଦ ବହୁଳତାରେ ଶିକାର ହୋଇଛନ୍ତି। ୨୦୧୫ରେ ପ୍ରକାଶିତ ଲାନସେଟ୍ ରିପୋର୍ଟରେ କୁହାଯାଇଛି ଯେ, ୨୦୨୧ ମସିହାରେ ଭାରତରେ ୧୮ କୋଟି ଲୋକ ମେଦବହୁଳତାରେ ପୀଡ଼ିତ ଥିଲେ। ୨୦୫୦ ମସିହା ସୁଦ୍ଧା ଭାରତରେ ୪୪.୯୦ କୋଟି ଲୋକ ମେଦବହୁଳତାରେ ପୀଡ଼ିତ ହେବେ।

# ବିଜ୍ଞାପନ ହୋର୍ଡିଂ କ୍ଷେତ୍ରରେ ବଡ଼ ଦୁର୍ନୀତି : କୋଟି କୋଟି ରାଜସ୍ୱ ହରାଉଛି ବିଏମ୍‌ସି

**ଭୁବନେଶ୍ୱର, ୧୮।୭:**
**ନ୍ୟୁଜ୍‌ବ୍ୟୁରୋ**

ବିଜ୍ଞାପନ ହୋର୍ଡିଂ କ୍ଷେତ୍ରରେ ବଡ଼ ଦୁର୍ନୀତି ହୋଇଛି। କୋଟି କୋଟି ଟଙ୍କାର ରାଜସ୍ୱ ହେରଫେର ହେଉଛି। ସ୍ମାର୍ଟ ଜନପଥରେ ଅନୁମତି ମିଳିଥିବା ଜାଗାରୁ ଅଧିକ ବର୍ଗଫୁଟରେ ବିଜ୍ଞାପନ ମରାଯାଉଛି। ଏହି ଅର୍ଥ କାହା ପକେଟ୍‌କୁ ଯାଉଛି ସେ ସଂକ୍ରାନ୍ତରେ ବିଏମ୍‌ସି ଯାଞ୍ଚ କରୁନଥିବା ଅଭିଯୋଗ ହେଉଛି। ବାଣୀବିହାରରୁ ଶିଶୁଭବନ ସ୍ମାର୍ଟ ଜନପଥରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ବିକାଶ କାର୍ଯ୍ୟ କରାଯାଇଥିଲା। ୩.୯ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତାକୁ ପ୍ରଥମେ ନୋ ହୋର୍ଡିଂ ଜୋନ୍ କରିବାକୁ ଘୋଷଣା କରାଯାଇଥିଲା । ପରବର୍ତ୍ତୀ ସମୟରେ ଏଠାରେ ହୋର୍ଡିଂ ମାରିବାକୁ ନିଷ୍ପତ୍ତି ହୋଇଥିଲା।



ଏଥିଲାଗି ବିଏସ୍‌ସିଏଲ୍ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏକ ଘରୋଇ କମ୍ପାନି ଏହାର ଟେଣ୍ଡର ନେଇଥିଲା। କିଛି ବର୍ଷ ବିଏସ୍‌ସିଏଲ୍ ଅର୍ଥ ଆଦାୟ କରିବା ପରେ ବିଏମ୍‌ସି ଏଥିରେ ପଶିଥିଲା। ବିଜ୍ଞାପନ ଅର୍ଥ ଆଦାୟରେ କେବଳ ବିଏମ୍‌ସିର ଅଧିକାର ଥିବାରୁ ଏହା ତାଙ୍କୁ ହସ୍ତାନ୍ତର କରିବାକୁ ଦାବି ଉଠିଥିଲା। ମେୟର ଓ କର୍ପୋରେଟର ଏହାକୁ ନିଜ ଅଧୀନକୁ ଆଣିବାକୁ ଅଡ଼ି ବସିଥିଲେ। ଏହା ପରେ ବିଏମ୍‌ସି ହାତକୁ କ୍ଷମତା ଆସିଥିଲା। ବିଏମ୍‌ସି ଜନପଥରୁ ରାଜସ୍ୱ ଆଦାୟ କଲା ବେଳେ ନୂଆ କେଳେଙ୍କାରୀ ପଦାକୁ ଆସିଛି। ବିଜ୍ଞାପନ ପାଇଁ ଟେଣ୍ଡରରେ କିଛି ସର୍ତ୍ତ ରହିଥିଲା। ଏଥିରେ ସ୍ମାର୍ଟ କିଓସ୍କ ଉପରେ ବିଜ୍ଞାପନ ମାରିବାକୁ ଉଲ୍ଲେଖ ରହିଥିଲା। ଉକ୍ତ ଘରୋଇ କମ୍ପାନିକୁ ୪୭୦୦ ବର୍ଗଫୁଟରେ ବିଜ୍ଞାପନ ମାରିବାକୁ ଅନୁମତି ଦିଆଯାଇଥିଲା। ହେଲେ ସଂସ୍ଥା କାରସାଦି କରି ପ୍ରାୟ ୮ ହଜାରରୁ ଅଧିକ ବର୍ଗଫୁଟରେ ବିଜ୍ଞାପନ ମାରିଥିବା ନେଇ ଅଭିଯୋଗ ହୋଇଛି। ଅର୍ଥାତ ନିର୍ଦ୍ଧାରିତ ଜାଗା ଠାରୁ ପ୍ରାୟ ୨ ଗୁଣା ଜାଗାରେ ବିଜ୍ଞାପନ ମରାଯାଇଛି। ଜନପଥରେ ଥିବା ଟ୍ରାନ୍ସଫର୍ମର ଉପରେ ବିଜ୍ଞାପନ ମରାକୁ ନେଇ ମଧ ପ୍ରଶ୍ନ ଉଠିଛି। ଏହା ସହ କିଓସ୍କ ଉପରେ ମରାଯାଉଥିବା ବିଜ୍ଞାପନର ଅବଧି ଗତ ଫେବୃୟାରୀରୁ ସରିଲାଣି। ହେଲେ ସମୟ ବଢ଼ାଇ ବିଜ୍ଞାପନ ମରାଯାଉଛି।

ଏହି ଦୁର୍ନୀତି ଫଳରେ ବିଏମ୍‌ସି କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ଖାଲି ସ୍ମାର୍ଟ ଜନପଥ ନୁହେଁ। ରାଜଧାନୀର ବିଭିନ୍ନ ସ୍ଥାନରେ ଏଜେନ୍ସି ପକ୍ଷରୁ ନିର୍ଦ୍ଧାରିତ ବର୍ଗଫୁଟରୁ ଅଧିକ ଜାଗାରେ ହୋର୍ଡିଂ ମରାଯାଉଛି। ଲଲି ପପ୍ ବିଲ୍ ବୋର୍ଡରେ ବି କୌଣସି ନିର୍ଦ୍ଦିଷ୍ଟ ନିୟମ ରହୁନି। ମନଇଚ୍ଛା ବିଲ୍ ବୋର୍ଡ ମାରି ରାଜସ୍ୱ ଫାଙ୍କୁଛନ୍ତି। ଫଳରେ ବିଏମ୍‌ସିର ରାଜସ୍ୱ ହାନି ହେଉଛି। ବିଏମ୍‌ସି କର୍ପୋରେସନ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। କର୍ପୋରେଟର ମାନେ ଜନପଥରେ ଲାଗିଥିବା ହୋର୍ଡିଂର ଯାଞ୍ଚ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ବିଏମ୍‌ସିର ଡେପୁଟି କମିଶନର (ରାଜସ୍ୱ) ଅଜୟ କୁମାର ମହାନ୍ତି କହିଛନ୍ତି, ଜନପଥରେ ଅଧିକ ଜାଗାରେ ହୋର୍ଡିଂ ଲାଗିଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ହୀରାକୁଦ ଡ୍ୟାମ୍‌ର ପୁଣି ୨ ଗେଟ୍ ଖୋଲିଲା

**ସମ୍ବଲପୁର, ୧୮।୭**
**ନ୍ୟୁଜ୍‌ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରର ପୁଣି ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। କ୍ରମଶଃ ଜଳଭଣ୍ଡାର ମଧ୍ୟକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଥିବାରୁ ଶୁକ୍ରବାର ଅପରାହ୍ନରେ ଜଳଭଣ୍ଡାର ବାମପାର୍ଶ୍ୱର ଆଉ ୨ଟି ସ୍ଲୁଇସ୍ ଖୋଲାଯାଇ ବର୍ତ୍ତମାନ ମୋଟ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଅପରପକ୍ଷରେ ଅଧିକ ପରିମାଣରେ ବନ୍ୟାଜଳ ପ୍ରବେଶ ଯୋଗୁ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇ ଅପରାହ୍ନ ସାଢ଼େ ୩ଟାର ସୂଚନା ଅନୁସାରେ ୬୧୦.୪୭ ଫୁଟରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୪୦ ହାଜର ୫୧୦ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ୍ ୯୯ ହଜାର ୧୯୦ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି।

# ମାଲ୍‌ବାହୀ ଟ୍ରେନର ୭ ବଗି ଲାଇନଚ୍ୟୁତ

**ଜୟପୁର, ୧୮।୭:ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ସକାଳେ ରାଜସ୍ଥାନର ଡିଡ୍‌ୱାନା ଜିଲ୍ଲାର ଗଛିପୁରା ରେଳ ଷ୍ଟେସନ ନିକଟରେ ଏକ ମାଲ୍‌ବାହୀ ଟ୍ରେନର ୭ଟି ବଗି ଲାଇନଚ୍ୟୁତ ହୋଇଛି। ଏହି ଘଟଣା ଯୋଗୁଁ ରେଳ ଚଳାଚଳ ପ୍ରଭାବିତ ହୋଇଛି। ମାଲବାହୀ ଟ୍ରେନଟି ମେଡ଼ତା ରୋଡ୍‌ରୁ ଫୁଲେରା ଅଭିମୁଖେ ଯାଉଥିଲା। ଦୁର୍ଘଟଣା ପରେ ଦୁଇଟି ଟ୍ରେନକୁ ବିଭିନ୍ନ ଷ୍ଟେସନରେ ଅଟକାଯାଇଥିଲା। ଏହା ବ୍ୟତୀତ ସାତଟି ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ଘଟଣା ବିଷୟରେ ରେଳ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବା ପରେ ଯୋଧପୁରରୁ ଏକ ଦଳକୁ ଘଟଣାସ୍ଥଳକୁ ଡକାଯାଇଛି। ମେଡ଼ତା ରୋଡ୍ ଜଙ୍କସନରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଇଞ୍ଜିନିୟରଙ୍କ ଏକ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। ରେଳ ଅଧିକାରୀମାନେ ଦୁର୍ଘଟଣାର କାରଣ ବାବଦରେ ଯାଞ୍ଚ କରୁଛନ୍ତି ଏବଂ ଯଥାଶୀଘ୍ର ରେଳ ଚଳାଚଳ ସ୍ୱାଭାବିକ୍ କରିବାକୁ ଚେଷ୍ଟା କରୁଛନ୍ତି। ଉତ୍ତର-ପଶ୍ଚିମ ରେଳବାଇର ବରିଷ୍ଠ ଲୋକସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଉତ୍ତର-ପଶ୍ଚିମ ରେଳବାଇର ଯୋଧପୁର ଡିଭିଜନର ମେଡ଼ତା ରୋଡ୍-ଫୁଲେରା ରେଳ ସେକ୍ସନ ମଧ୍ୟରେ ଗଛିପୁରା ଷ୍ଟେସନରେ ଏକ ମାଲ୍‌ବାହୀ ଟ୍ରେନର ସାତଟି ବଗି ଲାଇନଚ୍ୟୁତ ହେବା ଯୋଗୁଁ ସାତଟି ଟ୍ରେନ ପ୍ରଭାବିତ ହୋଇଛି। ପ୍ରଭାବିତ ଟ୍ରେନଗୁଡ଼ିକର ରୁଟ୍ ପରିବର୍ତ୍ତନ କରାଯାଇଛି।

**ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !**
କଟକ ପାଇଁ "ସମ୍ବାଦ କଳିକା" ଏବଂ
"ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ।
୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୧